ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.25 Bhubaneswar Thursday March 02 2023 ୨୬ତମ ବର୍ଷ ସଂଖ୍ୟା-୨୫ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୦୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୁଦ୍ଧରେ ସ୍ୱାଧିକାର ଭଙ୍ଗ ନୋଟିସ୍



ଭୁବନେଶ୍ୱର, ୧ ।୩(ପି.ଏନ): ମିଥ୍ୟା ତଥ୍ୟ ଦେଇ ଗୃହକୁ ଜାଣିଶୁଣି ବିଭ୍ରାନ୍ତ କରିଥିବାର ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ବିରୁଦ୍ଧରେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି । ଏହି ନୋଟିସକୁ ସ୍ୱାଧିକାର କମିଟିକୁ ପଠାଇବାକୁ ଶ୍ରୀ ମିଶ୍ର ଦାବି କରିଥିବାବେଳେ ବାଚ୍‌ସ୍ପତି ବିକ୍ରମ କେଶରୀ ଆରୁଖ ନୋଟିସକୁ ଅନୁଧ୍ୟାନ କରୁଛନ୍ତି ବୋଲି କହିଛନ୍ତି ।କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଆଜି ଗୃହରେ ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ବିରୁଦ୍ଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଗତ କରି କହିଥିଲେ ଯେ, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ବିଧାନସଭାକୁ ବିଭ୍ରାନ୍ତ କରାଯାଇଛି । ଗତ ୨୭ତାରିଖରେ ନବ ଦାସ ହତ୍ୟାର ତଦନ୍ତ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତର ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା ଦେଇଛନ୍ତି । ଏହି ଉତ୍ତରରେ ଅସତ୍ୟ ତଥ୍ୟ ରହିଛି । ଗୃହକୁ ଜାଣିଶୁଣି ବିଭ୍ରାନ୍ତ କରାଯାଇଛି । ଅସତ୍ୟର ଆଶ୍ରୟ ନିଆଯାଇଛି । ମିଛ ତଥ୍ୟ ଦେଇ ଗୃହର ସ୍ୱାଧିକାର ଭଙ୍ଗ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା ଯେଉଁ ଲିଖିତ ଉତ୍ତର ଫେବୃୟାରୀ ୨୭ତାରିଖରେ ରଖିଛନ୍ତି ସେଥିରେ ଉଲ୍ଲେଖ ଅଛି ଯେ, ନବ ଦାସଙ୍କ ହତ୍ୟା ମାମଲାର ତଦାରଖ ପାଇଁ ଜଷ୍ଟିସ ଜେପି ଦାସଙ୍କୁ ନିଯୁକ୍ତି ମିଳିଛି । କିନ୍ତୁ ଜଷ୍ଟିସ ଦାଙ୍କ ନିଯୁକ୍ତି ଜୁଡିସିଆଲ ଅର୍ଡର ନୁହେଁ । ଉତ୍ତରପ୍ରଦେଶର ଲଖିମପୁର ଖେରୀ ଘଟଣାକୁ ପ୍ରସିଡେଣ୍ଟ ଭାବେ ନିଆଯାଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି । ମାତ୍ର ଲଖିମପୁର ଖେରୀ ଘଟଣାର ତଦନ୍ତ ତଦାରଖ ପାଇଁ ବିଚାରପତିଙ୍କ ନିଯୁକ୍ତି ନିମନ୍ତେ ସୁପ୍ରିମକୋର୍ଟ ଜୁଡିସିଆଲ ଅର୍ଡର ଦେଇଛନ୍ତି । କିନ୍ତୁ ଜଷ୍ଟିସ ଜେପି ଦାସଙ୍କ ନିଯୁକ୍ତି ଜୁଡିସିଆଲ ଅର୍ଡର ନୁହେଁ । ତେଣୁ ଗୃହକୁ ବିଭ୍ରାନ୍ତ କରାଯାଇଛି । ନବ ଦାସ ହତ୍ୟା ଘଟଣାରେ କ'ଣ ଷଡଯନ୍ତ୍ର ହୋଇଛି ସେ କଥା ପୂର୍ବରୁ ମୁଖ୍ୟମନ୍ତ୍ରୀ କିମ୍ବା ଗୃହ ରାଷ୍ଟ୍ରମନ୍ତ୍ରୀ ବିଧାନସଭରେ ନିଜର ବୟାନ ରଖିବାବେଳେ କହିନଥିଲେ, କିନ୍ତୁ ୨୭ତାରିଖର ଲିଖିତ ଉତ୍ତରରେ ଷଡଯନ୍ତ୍ର କଥା କୁହାଯାଇଛି । ଏହି ହତ୍ୟା ଘଟଣାରେ କାହାକୁ ସନ୍ଦେହ କରାଯାଉଛି, କେଉଁମାନଙ୍କୁ ସାକ୍ଷୀ କରିଛନ୍ତି ତାହା ଗୃହକୁ ଜଣାନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି । ଏହାସହିତ ସେ ତାଙ୍କର ନୋଟିସକୁ ସ୍ୱାଧିକାର କମିଟି ପଠାଇବା ସହ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଦାବି କରିଥିଲେ ।







### ଦାୟିତ୍ୱ ନେଲେ ନୂଆ ମୁଖ୍ୟ ସଚିବ ପ୍ରଦୀପ ଜେନା



ଭୁବନେଶ୍ୱର, ୧ ।୩(ପି.ଏନ): ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବରିଷ୍ଠ ଆଇଏସ୍ ଅଧିକାରୀ ପ୍ରଦୀପ କୁମାର ଜେନା । ଏହି ଅବସରରେ ଅତିରିକ୍ତ ଶାସନ ସଚିବ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଦାୟୀ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ କାର୍ଯ୍ୟକାଳ ଗତକାଲି ଶେଷ ହେବାପରେ ଶ୍ରୀ ଜେନା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ସ୍ଥାନରେ ଜଳ ସଂପଦ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଜି ନୂତନ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଗୃହରେ ବିଭ୍ରାନ୍ତିକର ତଥ୍ୟ ଦେଉଥିବା ଅଭିଯୋଗ

ଭୁବନେଶ୍ୱର, ୧ ।୩(ପି.ଏନ): କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଗୃହରେ ବିଭ୍ରାନ୍ତିକର ତଥ୍ୟ ରଖୁଥିବାର ଅଭିଯୋଗ କରିବା ସହ ସେମାନଙ୍କ ନାମରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଛନ୍ତି ।ଆଜି ବିଧାନସଭାରେ ସେ କହିଛନ୍ତି ଯେ ନବ ଦାସ ହତ୍ୟା ଘଟଣାରେ ସେ ପଚାରିଥିବା ଏକ ପ୍ରଶ୍ନର ଉତରରେ ବିଭ୍ରାନ୍ତିକର ତଥ୍ୟ ରହିଛି ଓ କୋର୍ଟ ମନିଟର୍ଡ ତଦନ୍ତ କରାଯିବା କଥା କହାଯାଇଛି । ମାତ୍ର ଏହି ତଥ୍ୟ ଠିକ ନୁହେଁ ବୋଲି ସେ ଦାବି କରିଛନ୍ତି ।ଶ୍ରୀ ମିଶ୍ର କହିଛନ୍ତି, ଅବସରପ୍ରାପ୍ତ ବିଚାରପତି ଜେ ପି ଦାସଙ୍କ ନିଯୁକ୍ତି ଏକ ଜୁଡ଼ିସିଆଲ ଅର୍ଡର ଦ୍ୱାରା ହୋଇନାହିଁ , କିନ୍ତୁ ଉତର ପ୍ରଦେଶର ଖେରୀ ଘଟଣାକୁ ପ୍ରିସିଡେନ୍ସ ଭାବେ ନିଆଯାଇଛି । ଖେରୀ ଘଟଣାରେ ଜୁଡ଼ିସିଆଲ ଅର୍ଡର ଥିଲା କିନ୍ତୁ ଜଷ୍ଟିସ୍ ଜେ ପି ଦାସଙ୍କ ନିଯୁକ୍ତି ଲାଗି ଜୁଡ଼ିସିଆଲ ଅର୍ଡର ନଥିଲା । ତେଣୁ ଗୃହକୁ ବିଭ୍ରାନ୍ତ କରାଯାଇଛି ।ତେଣୁ ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓ ଗୃହରାଷ୍ଟ୍ରମନ୍ତ୍ରୀ ଭୁଲ ତଥ୍ୟ ବିଧାନସଭାକୁ ଦେଇଥିବାରୁ ତାଙ୍କ ନୋଟିସ୍ ସ୍ୱତନ୍ତ୍ର ସ୍ୱାଧିକାର କମିଟିକୁ ପଠାଯାଉ ଏବଂ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ଷମା ମାଗନ୍ତୁ । ଅନ୍ୟ ପକ୍ଷରେ ବାଚସ୍ପତି କହିଛନ୍ତି ଯେ ଏହି ନୋଟିସ ସେ ପାଇଛନ୍ତି ଏବଂ ତାକୁ ଅନୁଧ୍ୟାନ କରାଯାଉଛି ।

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ : ରାଜ୍ୟର କୌଣସି ସଂଗ୍ରହାଳୟର ଟିକେଟ ୧୦ ଟଙ୍କାରୁ ଅଧିକ ହେବନି

ଭୁବନେଶ୍ୱର, ୧ ।୩(ପି.ଏନ):ଓଡିଶା କଳାର ଭୂମି । ଆମର କଳା, ସଂସ୍କୃତି ସାରା ବିଶ୍ୱରେ ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଆମର ଏହି ମହାନ ଐତିହ୍ୟର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ଦିଗରେ ସଂଗ୍ରହାଳୟ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଜନସାଧାରଣ, ବିଶେଷ କରି ଯୁବ ସମାଜ, ଛାତ୍ର ସମାଜ ତଥା ପର୍ଯ୍ୟଟକ ମାନେ ଯେପରି ଆମ କଳା ଓ ସଂସ୍କୃତି ସହିତ ଭଲ ଭାବରେ ପରିଚିତ ହୋଇପାରିବେ, ସେ ଦୃଷ୍ଟିରୁ ରାଜ୍ୟର କୌଣସି ସଂଗ୍ରହାଳୟର ପ୍ରବେଶ ଦେୟ ୧୦ ଟଙ୍କାରୁ ଅଧିକ ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।ଏତଦ୍ ବ୍ୟତୀତ ଛାତ୍ରଛାତ୍ରୀ, କାରିଗର ଓ ବୁଣାକାର ମାନଙ୍କ ପାଇଁ ସଂଗ୍ରହାଳୟରେ ପ୍ରବେଶ ନିମନ୍ତେ କୌଣସି ଦେୟ ଆଦାୟ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ସରିଲା ବିଧାନସଭାର ପ୍ରଥମ ପର୍ଯ୍ୟାୟ ଅଧିବେଶନ



ଭୁବନେଶ୍ୱର, ୧ ।୩(ପି.ଏନ): ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଆଜି ବିଧାନସଭାର ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଶେଷ ହୋଇଛି । ବାଚ୍‌ସ୍ପତି ବିକ୍ରମ କେଶରୀ ଆରୁଖ ଗୃହକୁ ଆସନ୍ତା ୧୦ତାରିଖ ପୂର୍ବାହ୍ନ ସାଢ଼େ ୧୦ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି । ବିଧାନସଭାର ବଜେଟ୍ ଅଧିବେଶନ ଫେବୃୟାରୀ ୨୧ ତାରିଖରୁ ଆରମ୍ଭ ହୋଇଥିଲା ।ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେପି ବିଧାୟକମାନେ ପୁଲିସର ଗୁଣ୍ଡାଗର୍ଦ୍ଦି ବିରୁଦ୍ଧରେ ପ୍ରତିବାଦ ଜଣାଇ ହଟ୍ଟଗୋଳ କରିବାରୁ ବାଚ୍‌ସ୍ପତି ଗୃହକୁ ବାରମ୍ବାର ମୁଲତବୀ କରିଥିଲେ । ଏପରିକି ବାଚ୍‌ସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହ କାର୍ଯ୍ୟକୁ ସ୍ୱାଭାବିକ ପାଇଁ ଉଦ୍ୟମ କରିଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରିନଥିଲା । ଗୃହ ପୂର୍ବାହ୍ନ ୧୦ଟା ୩୩ରୁ ସାଢ଼େ ୧୧ଟା, ୧୧.୩୧ଟାରୁ ୧୧.୪୬ ଓ ୧୧ଟା ୪୬ରୁ ୧୧ଟା ୫୧ ଓ ପରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ହୋଇଥିଲା । ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ଆରମ୍ଭ ହେବାପରେ ବିଜେପି ବିଧାୟକମାନେ ବ୍ୟାନର ଧରି ଗୃହରେ ହଟ୍ଟଗୋଳ ଜାରି ରଖିଥିଲେ । ହଟ୍ଟଗୋଳ ଭିତରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୩-୨୪ ବଜେଟର ସାଧାରଣ ଆଲୋଚ଼ନା ଉପରେ ଉତ୍ତର ରଖିଥିଲେ । ପରେ ବାଚ୍‌ସ୍ପତି ଗୃହକୁ ୧୦ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

## ପ୍ରଥମେ ନିର୍ବାଚ଼ନ ଜିତ; କାହିଁକି କଂଗ୍ରେସକୁ ଏମିତି କହିଲେ ଫାରୁକ ଅବଦୁଲ୍ଲା



ଭୁବନେଶ୍ୱର, ୧ ।୩(ପି.ଏନ): ଆସନ୍ତା ସାଧାରଣ ନିର୍ବାଚ଼ନରେ ବିଜେପିକୁ ହରାଇବା ପାଇଁ କଂଗ୍ରେସ ସବୁ ବିରୋଧୀ ଦଳଗୁଡିକୁ ଏକାଠି ହେବାକୁ ଆହ୍ୱାନ ଦେଇଛି । ତେବେ ପ୍ରଧାନମନ୍ତ୍ରୀ ଚେହେରା କିଏ ହେବେ, ସେକଥା ଦଳ କହି ନାହିଁ । ଏସବୁ ଭିତରେ ନ୍ୟାଶନାଲ କନଫରେନ୍ସ(ଏନସି)ର ଫାରୁକ ଅବଦୁଲ୍ଲା ବଡ ବୟାନ ଦେଇଛନ୍ତି । ସେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ପ୍ରଥମେ ନିର୍ବାଚ଼ନ କେମିତି ଜିତବାକୁ ହେବ, ତା' ଉପରେ ଫୋକସ କରିବାକୁ କହିଛନ୍ତି । ପ୍ରଥମେ ନିର୍ବାଚ଼ନ ଜିତ, ତା' ପରେ ବିରୋଧୀ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କଥା ବିଚ଼ାର କରାଯିବ ବୋଲି ସେ ପରାମର୍ଶ ଦେଇଛନ୍ତି ।ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ୭୦ମ ଜନ୍ମଦିନ ଉପଲକ୍ଷେ ଚେନ୍ନାଇରେ ଗୋଟିଏ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଫାରୁକ ଅବଦୁଲ୍ଲା, ମଲ୍ଲିକାର୍ଜୁନ ଖଡଗେ, ସମାଜବାଦୀ ପାର୍ଟିର ଅଖିଲେଶ ଯାଦବ ଓ ଆରଜେଡିର ତେଜସ୍ୱୀ ଯାଦବଙ୍କ ସମେତ ଅନେକ ବିରୋଧୀ ଦଳର ନେତା ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ଫାରୁକ ସମ୍ବୋଧନ କରି ଖଡଗେଙ୍କୁ କହିଛନ୍ତି, "କିଏ ପ୍ରଧାନମନ୍ତ୍ରୀ ହେବେ, ସେକଥା ଏବେ ଭୁଲି ଯାଆନ୍ତୁ । ପ୍ରଥମେ ନିର୍ବାଚ଼ନ କେମିତି ଜିତିବାକୁ ହେବ, ସେକଥା ଭାବନ୍ତୁ ।" ସେ ଆହୁରି ଦାବି କରିଛନ୍ତି ଯେ " ଭାରତ ବର୍ତ୍ତମାନ କଠିନ ସମୟ ଦେଇ ଗତି କରୁଛି । ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ।

### ସ୍ୱାମୀ-ସ୍ତ୍ରୀଙ୍କୁ ଗଳା କାଟି ହତ୍ୟା

ବାଲେଶ୍ୱର, ୧ ।୩(ପି.ଏନ): ବାଲେଶ୍ୱର ଜିଲ୍ଲା ସୋର ଥାନା ସବିରା ପଞ୍ଚାୟତ ମାଝୀ ସାହି ଗାଁରେ ଏକ ଦମ୍ପତିଙ୍କୁ ଗଳା କାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ଦ୍ୱୟ ହେଲେ ରଘୁନାଥ ବେହେରା ଓ ତାଙ୍କ ସ୍ତ୍ରୀ ପ୍ରଭାତି ବେହେରା । ରଘୁନାଥଙ୍କର ଏକ କୁକୁଡା ଫାର୍ମ ଅଛି । ସ୍ୱାମୀସ୍ତ୍ରୀ ରାତିରେ ଏହି ଫାର୍ମରେ ରହନ୍ତି । ଆଜି ମଧ୍ୟ ସେମାନେ ଫାର୍ମକୁ ଆସିଥିବା ବେଳେ କେହି ସେମାନଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି ।

## ବିଜେପି କର୍ମୀଙ୍କ ଉପରେ ପୁଲିସର ବର୍ବରତାକୁ ନେଇ ଗୃହରେ ହଟ୍ଟଗୋଳ : ଗୃହ ବାରମ୍ବାର ମୁଲତବୀ

ଭୁବନେଶ୍ୱର, ୧ ।୩(ପି.ଏନ): ନବ ଦାସ ହତ୍ୟାକାଣ୍ଡ ମାମଲା ଓ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ଦ୍ୱାରା ବିଧାନସଭା ଘେରାଉ ବେଳେ ବିଜେପି ଯୁବ ମୋର୍ଚ୍ଚା କର୍ମୀ ମାନଙ୍କ ଉପରେ ଆକ୍ରମଣ ଓ ତାଙ୍କୁ ଗିରଫ କରାଯିବା ପ୍ରସଙ୍ଗକୁ ନେଇ ବିଧାନସଭା ହୁଲସ୍ଥୁଲ ହୋଇଛି । ବିଜେପି ବିଧାୟକ ମାନେ ଏହି ପ୍ରସଙ୍ଗରେ ନାରାବାଜୀ କରିବାରୁ ଗୃହ ବାରମ୍ବାର ମୁଲତବୀ ହୋଇଛି । ଏହି କାରଣରୁ ଆଜି ପ୍ରଥମାର୍ଧ ବୈଠକରେ ପ୍ରଶ୍ନକାଳ ଓ ଅନ୍ୟ କାର୍ଯ୍ୟକ୍ରମ ହୋଇ ପାରି ନାହିଁ ।ଆଜି ନିର୍ଧାରିତ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ ଓ ସେ କୃଷି ମନ୍ତ୍ରୀଙ୍କୁ ଉତର ରଖିବାକୁ ଡାକିଥିଲେ । ହେଲେ ବିଜେପି ବିଧାୟକ ମାନେ ଗତକାଲିର ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଗୃହର ମଧ୍ୟ ଭାଗକୁ ଆସି ଜୋରରେ ନାରାବାଜୀ କରିଥିଲେ । ବାଚସ୍ପତି ସେମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିବାର ମଧ୍ୟ କୌଣସି ଲାଭ ମିଳି ନ ଥିଲା । ଏହା ପରେ ବାଚସ୍ପତି ଗୃହ କାର୍ଯ୍ୟକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ଅବ୍ୟବସ୍ଥା ଘେରରେ ବଡ଼ବେଲ ଅନୁସୂଚିତ ଜାତି ଓ ଜନଜାତି ସରକାରୀ ବାଳିକା ବିଦ୍ୟାଳୟ

ମାଲକାନଗିରି, ୧ ।୩(ପି.ଏନ): ଅବ୍ୟବସ୍ଥା ରେ ବିଦ୍ୟାଳୟ । ଶିକ୍ଷକ ଅଭାବ ଯୋଗୁ ପାଠ ପଢାରେ ବାଧା । ବିଦ୍ୟାଳୟ ଛାଡି ଘର ମୁହାଁ ହେବାକୁ ଲାଗିଲେଣି ବଣ୍ଡା ଛାତ୍ରୀ । ଗରିବ ଆଦିବାସୀ ପିଲାଙ୍କୁ ଶିକ୍ଷିତ କରିବା ପାଇଁ ସରକାରଙ୍କ ଆନ୍ତରିକତା କେତେ ତାହା ଜଳଜଳ ଦେଖାଯାଉଛି ।ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ।ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ସହିତ ପିଲାମାନେ ସ୍କୁଲ ମୁହା ହେବେ ତାକୁ ଦୃଷ୍ଟିରେ ରଖି ସ୍ମାର୍ଟ କ୍ଲାସ ଠାରୁ ଆରମ୍ଭ କରି ସ୍ମାଟ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ସରକାର ।ଏବଂ ଗରିବ ଆଦିବାସୀ ପିଲାଙ୍କୁ ଶିକ୍ଷିତ କରିବା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ।ଉପାନ୍ତରେ ଏମିତି କେତେ ବିଦ୍ୟାଳୟ ଅଛି ଯେଉଁଠାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡିବା ରେ ଲାଗିଛି !ଫଳରେ ଗରିବ ଆଦିବାସୀ ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଇଛି । କିନ୍ତୁ ପ୍ରଶାସନର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି । କିନ୍ତୁ ସଭିଏ ପଢ଼ ସଭିଏ ଗଢ଼ ଶିକ୍ଷା ଅଭିଯାନ ଚଳେଇଛନ୍ତି ସରକାର !ବାଟବଣା ହେବାରେ ଲାଗିଛି ଶିକ୍ଷା ବ୍ୟବସ୍ଥା। ଏମିତି ଏକ ବିଦ୍ୟାଳୟ ହେଉଛି ମାଲକାନଗିରି ଜିଲ୍ଲା, ଖଇରପୁଟ ବ୍ଲକ ବଣ୍ଡାଘାଟୀର ବଡ଼ବେଲ ଗ୍ରାମର ଅନୁସୂଚିତ ଜାତି ଓ ଜନଜାତି ସରକାରୀ ବାଳିକା ବିଦ୍ୟାଳୟ । ଏଠାରେ ବଣ୍ଡା ଘାଟିର ମୁଦୁଲିପଡ଼ା ଓ ହଣ୍ଡରାହାଲ ପଞ୍ଚାୟତର ବଣ୍ଡା ଛାତ୍ରୀମାନେ ପାଠ ପଢୁଛନ୍ତି । ଅଥଚ ଏଠାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ବଣ୍ଡା ପିଲାମାନଙ୍କୁ ଶିକ୍ଷିତ କରିବାଲାଗି ଲାଗି ସରକାରଙ୍କ ଆନ୍ତରିକତା କେତେ ତାହା ଜଳ ଜଳ ହୋଇ ଦିଶୁଛି ।୨୦୦୮ ମସିହାରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଏବେ ଏଠାରେ ୨୯୭ ଜଣ ଛାତ୍ରୀ ପାଠ ପଢୁଛନ୍ତି । ସ୍କୁଲ ରେ ରହିଛି ମୋଟ ୭ ଟି ଶ୍ରେଣୀଗୃହ ।ହେଲେ ଶ୍ରେଣୀ ଗୃହର ଅବସ୍ଥା ନକହିଲେ ଭଲ । କବାଟ ଝରକା ସବୁ ନଷ୍ଟ ହୋଇଯାଇ ଛି । ଛାତ ଉପରେ ଭରି ରହିଛି ଅନାବନା ଘାସ । ଜରାଜୀର୍ଣ୍ଣ ଅବସ୍ଥାରେ ଛିଡା ହୋଇଛି ବିଦ୍ୟାଳୟ । ମରଣ ମୁହଁକୁ ଠେଲି ଦିଆଯାଇଛି ବଣ୍ଡା ପିଲାଙ୍କୁ । ପିଲାମାନେ ରହିବା ପାଇଁ ଗୃହ ନାହିଁ । ଶ୍ରେଣୀଗୃହରେ ରହୁଛନ୍ତି । କାନ୍ଥ ରେ ଝୁଲୁଛି ଏମାନଙ୍କର ବହି ବସ୍ତାନି , ସାର୍ଟ ପ୍ୟାଣ୍ଟ ଓ ଯାବତୀୟ ଜିନିଷ । ଶୋଇବା ଲାଗି ପଡ଼ିଥିବା କେଇଖଣ୍ଡ ଖଟ ଉପରେ ବସି ପିଲାମାନେ ପାଠ ପଢୁଛନ୍ତି । ସବୁଠୁ ବଡ଼ କଥା ହେଲା ଶିକ୍ଷକ ଅଭାବ । ପନ୍ଦର ଜଣ ଶିକ୍ଷକ ଥିବା କଥା କିନ୍ତୁ ଆଠ ଜଣ ଶିକ୍ଷକ ରହୁଛନ୍ତି । ତହିଁ ମଧ୍ୟରୁ ବେଳେ ବେଳେ ଅଫିସ କାର୍ଯ୍ୟ ଏବଂ ଅନ୍ୟାନ୍ୟ କାମ ଯୋଗୁଁ ଚାରି ପାଞ୍ଚ ଜଣ ଶିକ୍ଷକ ପଢ଼ାଉଛନ୍ତି ପାଠ । ଯାହା ଫଳରେ ପିଲାମାନଙ୍କ ପାଠ ପଢାରେ ବାଧା ସୃଷ୍ଟି ହେଉଛି । ଏହାକୁ ଦୃଷ୍ଟିରେ ରଖି ସ୍କୁଲ ପରିଚାଳନା ସଭାରେ ବାରମ୍ବାର ଉପସ୍ଥାପନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହାକୁ ନେଇ ଏବେ ଅଭିଭାବକ ଏବଂ ପରିଚାଳନା କମିଟି ଅସନ୍ତୋଷ ପ୍ରକାଶ କରିଛନ୍ତି ।ଆଗାମୀ ଦିନରେ ଯଦି ସରକାର ଶିକ୍ଷକ ଯୋଗାଇବା ସହ ବିଦ୍ୟାଳୟ ମରାମତି ଦିଗରେ ଦୃଷ୍ଟି ନଦେଲେ ତାହେଲେ ଆମେ ପାଠ ଛାଡିବାକୁ ବାଧ ହେବୁ ବୋଲି ଛାତ୍ରୀ ମାନେ ପ୍ରକାଶ କରିଛନ୍ତି । ଆମେ ଯଦି ପାଠ ଛାଡୁ ତାହେଲେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଅଭିଯୋଗ କରିଛନ୍ତି ବଣ୍ଡା ଛାତ୍ରୀମାନେ । ତେବେ ଆଗାମୀ ଦିନରେ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉଛନ୍ତି କି ନାହି ତାହା ଦେଖିବାର ବାକି ରହିଲା !

## ଦାଦନ ଶ୍ରମିକ ସଂଖ୍ୟା କହିଲେ ମନ୍ତ୍ରୀ, ହେଲେ ଓଡିଶାରେ କାହିଁକି କାମ ମିଳୁନି କହିଲେନି



ଭୁବନେଶ୍ୱର, ୧ ।୩(ପି.ଏନ): ଦାଦନ ଶ୍ରମିକ ସଂଖ୍ୟା କହିଲେ ବିଭାଗୀୟ ମନ୍ତ୍ରୀ, ହେଲେ ଆମ ରାଜ୍ୟରେ କାହିଁକି କାମ ମିଳୁନି କହିଲେନି । ଆଜି ଦାଦନ ଶ୍ରମିକ ସମ୍ପର୍କରେ ବିଧାୟକ ମନୋହର ରାନ୍ଧାରୀ ପଚ଼ାରିଥିବା ପ୍ରଶ୍ନର ଉତ୍ତର ବିଧାନସଭାରେ ଦେଇଥିଲେ ଶ୍ରମ ଓ କର୍ମଚ଼ାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ । ଶ୍ରୀ ରାନ୍ଧାରୀ ପଚ଼ାରୀ ଥିଲେ ରାଜ୍ୟରୁ କେତେ ଲୋକ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ? କେଉଁ କେଉଁ ରାଜ୍ୟରେ କି ପ୍ରକାର କାମ କରୁଛନ୍ତି ? ସେମାନଙ୍କ ମାସିକ ରୋଜଗାର କେତେ ? କେଉଁ ଜିଲ୍ଲାରୁ କେତେ ବେକାର ଯୁବକଯୁବତୀ ଦାଦନ ଖଟିବାକୁ ଯାଉଛନ୍ତି ? ଓଡିଶାର ପିଲାମାନେ କ'ଣ ପାଇଁ ଆମ ରାଜ୍ୟରେ କାମ ପାଉନାହାନ୍ତି ? ଅନ୍ୟ ରାଜ୍ୟରେ ସେମାନେ କିପରି କାମ ପାଉଛନ୍ତି ? ରାଜ୍ୟର ଭିତ୍ତିଭୂମି କିପରି ଅଛି ?








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସୁରକ୍ଷିତ ଯକୃତ



ଏକ ସୁସ୍ଥ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥାଏ ମଣିଷ ଶରୀରର ଯକୃତ ବା ଲିଭର। ଶରୀର ଭିତରର ସବୁଠାରୁ ବଡ଼ ଗ୍ରନ୍ଥୀ ବୁଝାଉଥିବା ପେଟ ଭିତରର ଏହି ସମ୍ବେଦନଶୀଳ କ୍ଷେତ୍ରର ଉପାଦେୟ ଭୂମିକା ହେଉଛି ଏହା ପାଚନ ବା ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ସଂପ୍ରତି ଅସ୍ତବ୍ୟସ୍ତ ଜୀବନ, ଉଦ୍‌ବେଗଜନକ ଭାବେ ନିଶାଦ୍ରବ୍ୟ ସେବନ, ବିଶ୍ରାମର ଅଭାବ ଓ ଖାଦ୍ୟପେୟର ଅସଠିକତା ଏହି ସମ୍ବେଦନଶୀଳ କ୍ଷେତ୍ରକୁ ପ୍ରଭାବିତ କରି ଏହା ମୃତ୍ୟୁର ଦିଗକୁ ଟାଣିନେଉଥାଏ। ଏହି ଯକୃତର ଲମ୍ବା ୨୦ସେ.ମି., ଓସାର ୧୭ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଲିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ। ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ବା ପ୍ରଦାହ ବା କ୍ଷତ ପରେ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ। ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ। ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ। କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ। ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ସୂତ୍ରତନ୍ତୁମୟତାକୁ ମାପିହେବ। ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର। ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ ଯାହାକି ତାହାର ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ। କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ। ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ। ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ।




ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ। ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ। ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି। ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ। ଏହି ଫାଇବ୍ରୋସ୍କାନିଂ ମାଧ୍ୟମରେ ଯକୃତର ତନ୍ତୁମୟତା ବା ଜଟିଳତା ଜଣା ପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ। ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ। ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧରେ ଚିକିତ୍ସା କରିବାକୁ ଆଗେଇ ଆସନ୍ତି। ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ଜାରକା ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟରେ ଅନିୟମିତତା ଅଭିଯୋଗ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ହାଇସ୍କୁଲର ରୂପାନ୍ତରିକରଣ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। କାମ ଆରମ୍ଭରୁ ଦାୟିତ୍ୱରେ ଥିବା ଠିକାଦାର ଶସ୍ତା ସିମେଣ୍ଟ୍ ବ୍ୟବହାର କରୁଥିବା ନେଇ ଏସ୍‌ଏମ୍‌ସି ସଭାପତି ବାସୁଦେବ ମିଶ୍ର ଧର୍ମଶାଳା ବିଡ଼ିଓ ଓ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୟରେ ଠିକାଦାର କୌଶଳକ୍ରମେ ଏଠାରେ ଗଚ୍ଛିତ ଥିବା ସିମେଣ୍ଟ୍‌କୁ ତରବରିଆ ଭାବେ ଅନ୍ୟତ୍ର ଉଠାଇ ନେଇଥିଲେ। ଉକ୍ତ ଘଟଣାକୁ ନେଇ ବିଦ୍ୟାଳୟ ପରିସରରେ ଚାପା ଉତେଜନା ସୃଷ୍ଟି ହୋଇଥିଲା। ସେହିପରି ସ୍କୁଲର ସମ୍ମୁଖ ଭାଗ ପୁଟିକ, ପାହାଚ ଓ ଝରକା ସଂପ୍ରସାରଣ ଆଦି ନିର୍ମାଣ କାର୍ଯ୍ୟରେ ନିମ୍ନମାନର ପାଉଁଶ ଇଟା ବ୍ୟବହାର କରାଯାଉଛି। ପ୍ରାୟ ୬୦ଲକ୍ଷ ଟଙ୍କା ବ୍ୟୟରେ ହେଉଥିବା ନିର୍ମାଣ କାର୍ଯ୍ୟ ସଂପର୍କରେ ଏଠାରେ କୌଣସି ସୂଚନାଫଳକ ନଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ବାତ୍ୟା ଆଶ୍ରୟସ୍ଥଳ ଭାବେ ନିର୍ମିତ ଉକ୍ତ ଦ୍ୱିତଳ କୋଠାଘରେ ଜାରକା ହାଇସ୍କୁଲର ଛାତ୍ରଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ନିମ୍ନମାନର କାର୍ଯ୍ୟପାଇଁ ଶ୍ରେଣୀଗୃହର ଚଟାଣ ଆଦି ଭାଙ୍ଗିରୁଜି ଯାଇଥିଲା। ପରେ ଏହାକୁ ମରାମତି କରାଯାଇଛି। ଏବେ ୫ଟି ଅଧୀନରେ ଏହି ହାଇସ୍କୁଲକୁ ରୂପା'ରିକରଣ କରାଯାଉଛି। ୧୦ଲକ୍ଷ ଟଙ୍କା ବ୍ୟୟରେ ୨ଟି ସ୍ମାର୍ଟ ଶ୍ରେଣୀଗୃହ, ଦକ୍ଷତା ବିକାଶ ପ୍ରଶିକ୍ଷଣ ଓ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ୧୦ଲକ୍ଷ, ଚେୟାର ଟେବୁଲ ଆଦି ଫର୍ଣ୍ଣିଚର ୧୦ଲକ୍ଷ, ଇ-ପାଠାଗାର ପାଇଁ ୫ଲକ୍ଷ, ବିଜ୍ଞାନଗାର ୪ଲକ୍ଷ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୩ଲକ୍ଷ, କ୍ରୀଡ଼ା ସାମଗ୍ରୀ ୨ଲକ୍ଷ, ଶୌଚାଳୟ, ଖେଳପଡ଼ିଆ ବିକାଶ, ସ୍କୁଲ ମଧ୍ୟରେ ପାର୍କ ଓ ରାସ୍ତା ହେବାପାଇଁ ୬ଲକ୍ଷ ଓ ସ୍କୁଲ ପରିଚାଳନା କମିଟି ଅନୁରୋଧକ୍ରମେ ଅନ୍ୟାନ୍ୟ ବିକାଶ କାର୍ଯ୍ୟରେ ୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇପାରିବ ବୋଲି ମୋ ସ୍କୁଲ ଅଭିଯାନ ଯୋଜନାରେ ବ୍ୟୟ ବରାଦ କରାଯାଇଛି। ହେଲେ ଏହି ସ୍କୁଲରେ ଉନ୍ନତ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ସ୍କୁଲ ମଧ୍ୟରେ ପାର୍କ, ରାସ୍ତା ଓ ମଜବୁତ୍ ପାଚେରୀ ରହିଛି। ଏସବୁ ବାଦଦକୁ ଅନୁମୋଦନ ହୋଇଥିବା ଅର୍ଥ କିଭଳି ଖର୍ଚ୍ଚ କରାଯିବ ଏନେଇ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ପୂର୍ବରୁ ୫ଟି ଅଧୀନରେ ଧର୍ମଶାଳା ବ୍ଲକର ୬ଟି ହାଇସ୍କୁଲକୁ ରୂପା'ରିକରଣ କରାଯାଇଛି। ଏବେ ଏହି ବ୍ଲକର ୨୫ଟି ହାଇସ୍କୁଲର ରୂପା'ରିକରଣ କାର୍ଯ୍ୟ ଜାରି ରହିଛି। ତେବେ କେତେକ ବିଦ୍ୟାଳୟରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। କେଉଁଠି ବିଦ୍ୟାଳୟର ଭଲ ଅବସ୍ଥାରେ ଥିବା ପୁରୁଣା ସାମଗ୍ରୀକୁ ହଡ଼ପ କରାଯାଇଛି ତ, ଆଉ କେଉଁଠି ଏହାକୁ ଶାଗମାଛ ଦରରେ ବିକ୍ରି କରାଯାଇଛି। ସେହପରି ବିଭିନ୍ନ ସାମଗ୍ରୀ କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଏମିତି ପୁଳା ପୁଳା ଅଭିଯୋଗ ମଧ୍ୟରେ ବିଭିନ୍ନ ସ୍ଥାନରେ ହାଇସ୍କୁଲର ରୂପା'ରିକରଣ କାର୍ଯ୍ୟ କରାଯାଉଛି। ଅଭିଯୋଗ ହେବାପରେ ଠିକାଦାର ଏବେ ଭଲ ସିମେଣ୍ଟ୍ ଆଣି କାମ କରୁଥିବା ଏସ୍‌ଏମ୍‌ସି ସଭାପତି ଶ୍ରୀ ମିଶ୍ର ସୂଚନା ସଫେଇ ଦେଇଛନ୍ତି। ୫ଟି ସଚିବ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି।

## ଅସହାୟ ବିକଳାଙ୍ଗ ପରିବାରକୁ ଉଦ୍ଧାର କଲା ଜିଲ୍ଲା ନାରୀ ସଂଘ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଦର ବ୍ଲକ ବସ୍ତା ଥାନା ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ କୁଳବୁଧି ଗ୍ରାମର ବାସନ୍ତି ବେହେରାଙ୍କ ବିକଳାଙ୍ଗ ପରିବାର। ତାଙ୍କ ସ୍ୱାମୀ ସ୍ୱର୍ଗତ ରଘୁନାଥ ବେହେରା ବହୁ ପୂର୍ବରୁ ମୃତ୍ୟୁବରଣ କରିଥିବା ବେଳେ ବିଧବା ପତ୍ନୀ ଅନ୍ଧୁଣୀ, ତାଙ୍କର ତିନି ପୁତ୍ର ତଥା ବଡ଼ ପୁଅ ଧନଞ୍ଜୟର ବୟସ ୨୫, ମଝିଆ ପୁଅ କାହ୍ନୁର ବୟଷ ୨୦, ସାନପୁଅ ଦ୍ୱିତିକୃଷ୍ଣର ବୟସ ୧୨ ଏବଂ ଏକ ମାତ୍ର ଝିଅ ସୁମିତ୍ରାର ବୟଷ ୧୬ ବର୍ଷ ହୋଇଥିବା ବେଳେ ପରିବାରର ସମସ୍ତ ସଦସ୍ୟ ଅସହାୟ ଓ ବିକଳାଙ୍ଗ। ତେବେ ଝିଅ ଅର୍ଦ୍ଧ ପାଗଳ ହୋଇଥିଲେ ମଧ୍ୟ ଅସହାୟ ବିକଳାଙ୍ଗ ପରିବାରର ଭରଣପୋଷଣ ପାଇଁ ଭୋକ ବିକଳରେ ଗାଁ ଦାଣ୍ଡକୁ ଯାଇ ଭିକ୍ଷା ବୃତି କରେ। ଗତ କିଛି ଦିନ ହେବ ଝିଅର ଶାରିରିକ ପରିବର୍ତ୍ତନର ଲକ୍ଷଣ ଦେଖାଦେବାରୁ ସେ ଗର୍ଭବତୀ ବୋଲି ଜାଣିବାକୁ ପାଇଥିଲେ। ତେବେ ଝିଅଟି ଅର୍ଦ୍ଧ ପାଗଳ ଥିବାରୁ ଏଭଳି ଘୃଣ୍ୟ କାର୍ଯ୍ୟ କିଏ କଲା, କେମିତି ହେଲା କହି ପାରୁ ନ ଥିବା ବେଳେ ଚିନ୍ତାରେ ଅସହାୟ ପରିବାରର ଲୋକେ କିଛି ଭାବି ପାରୁ ନ ଥିଲେ। ଏହି ଖବର ବାଲେଶ୍ୱରର ଜଣେ ସାମ୍ବାଦିକ ଜାଣିବା ପରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ଏ ବିଷୟରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଥିଲେ। ସେହିପରି ମଧ୍ୟ ବାଲେଶ୍ୱର ଜିଲ୍ଲା ନାରୀସଂଘକୁ ଏହି ଘଟଣା ସମ୍ପର୍କରେ ଜଣାଇଥିଲେ। ନାରୀସଂଘର ସଭାପତି ଗୋପାମୁଦ୍ରା ମହାପାତ୍ର, ତୁରନ୍ତ ପଦକ୍ଷେପ ନେଇଥିଲେ। ସେ ନାରୀସଂଘର ସଦସ୍ୟଙ୍କୁ ଦେଇ କୁଳବୁଧି ଗ୍ରାମରେ ପହଞ୍ଚି ବାସନ୍ତି ବେହେରାଙ୍କ ବିକଳାଙ୍ଗ ଅସହାୟ ପରିବାରଙ୍କୁ ଉଦ୍ଧାର କରି ଜିଲ୍ଲା ନାରୀସଂଘର ସୁଧାର ଗୃହରେ ରଖିଛନ୍ତି।

## ବାଲେଶ୍ୱର ସମାଜସେବୀ ମହାସଂଘ ଗଠନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସମାଜସେବୀ ମହାସଂଘର ପ୍ରଥମ ପ୍ରସ୍ତୁତି ବୈଠକ ରୁପ୍ସା ପିଙ୍ଗାବଣିଆ ସ୍ଥିତ ବୈଦିକ ଗୁରୁକୂଳ ଆଶ୍ରମରେ ଆଶ୍ରମର ପରିଚାଳକ ଆଚାର୍ଯ୍ୟ ବିଜୟଜୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସେବା ସଙ୍ଗଠନ ଓଡ଼ିଶା, ଜୟ ଜଗନ୍ନାଥ ଗ୍ରୁପ ଓଡ଼ିଶା, ଗୋପବନ୍ଧୁ ଦୁଃଖ ସୁଖର ସାଥୀ, ସତ୍ୟମେବ ଜୟତେ, ମେ ଆଇ ହେଲ୍ପ ୟୁ, ସର୍ବ ମଙ୍ଗଳ ସଂସ୍ଥାପନା, ଆର୍ଯ୍ୟ ସେବା ସଂଘ ସଙ୍ଗଠନ, ବ୍ୟାସ କବି ସାଂସ୍କୃତିକ ଅନୁଷ୍ଠାନର ସଭାପତି, ସମ୍ପାଦକ ଏବଂ ଉପଦେଷ୍ଟା ଉପସ୍ଥିତ ଥିଲେ। ଏଥିରେ ଅନେକ ସଙ୍ଗଠନ ଅନୁପସ୍ଥିତ ଥିବାରୁ ଆଗାମୀ ଦିନରେ ଦୁଇଟି ପ୍ରସ୍ତୁତି ବୈଠକ ରଖାଯିବ ବୋଲି ଉପସ୍ଥିତ ସଙ୍ଗଠନର ପ୍ରତିନିଧିମାନେ ମତ ଦେଇଛନ୍ତି। ମହାସଂଘ ମାଧ୍ୟମରେ ଆଗାମୀ ଦିନରେ ଅନେକ ଜନମଙ୍ଗଳକାରୀ କାର୍ଯ୍ୟ କରାଯିବ ବୋଲି ଉପସ୍ଥିତ ସଦସ୍ୟମାନେ ଶପଥପାଠ କରିଥିଲେ।

## ଅଖିଳ ଭାରତୀୟ ମହିଳା ସମ୍ମିଳନୀର ଯୁବ ପ୍ରତିଭା ସମାରୋହ ୨୦୨୨

ବାଲେଶ୍ୱର (ପିଏନ୍)- ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ରେ ବାର୍ତ୍ତା ଥିଲା ଯେ ଲିଙ୍ଗଗତ ପାର୍ଥକ୍ୟ ନ ରଖି ମିଳିତ ଭାବେ ସାମାଜିକ ବିକାଶ ଧାରାରେ ଉଭୟ ପୁରୁଷ ଓ ମହିଳା କାର୍ଯ୍ୟକ୍ଷମ ହେଲେ ଏହା ସାମୁହିକ ବିକାଶରେ ଶହାୟକ ହେବ। ଏହି ଅଲେକ୍ଷକୁ ଚରିତାର୍ଥ କରିବା ପାଇଁ ଅଖିଳ ଭାରତୀୟ ମହିଳା ସମ୍ମିଳନୀ ବାଲେଶ୍ୱରର ଯୁବ ଶାଖା ଓ ବାଲେଶ୍ୱର ଜିଲ୍ଲା ନାରୀସଂଘ ମିଳିତ ଭାବେ ଉତ୍କଳ ଦିବସ ରେ ଅଭିନବ ଭାବେ ପାଳନ କରିଥିଲା। ଏଥିରେ ଯୁବଶକ୍ତିକୁ ଅଧିକ ପ୍ରାଧାନ୍ୟ ବରିଷ୍ଠ ସଦସ୍ୟ ପୁଷ୍ପଲତା ମହାନ୍ତି, ପ୍ରତିମା ପଣ୍ଡା, ବାସନ୍ତି ନାୟକ, ହେମଲତା ଦାସ ପ୍ରମୁଖ ଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। ଅବସର ପ୍ରାପ୍ତ ପ୍ରାଧାପିକା ଯଶୋଧରା ଦାସ, ଦିନବନ୍ଧୁ ଲେଙ୍କା, ନାରୀସଂଘର ସଭାପତି ଓ ସଂପାଦକ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥଲେ ଏବଂ ସତ୍ୟଭାମା ମୁଦୁଲି ଶ୍ଲୋକପାଠ କରିଥିଲେ। ଏହି ଉତ୍ସବରେ ସମାଜସେବୀ ସୁବାସିନୀ ଜେନା ମଞ୍ଚରେ ଉପସ୍ଥିତ ରହି ନିଜର ଅଭିଭାଷଣ ରଖବା ସହିତ ସଂଗୀତ ଗାନ କିରଥିଲେ। ଏହି ଅବସରରେ



ଦିଆଯାଇଥିଲା। ଏହି ଅବସରରେ ଦିବସ ବ୍ୟାପି ଜିଲ୍ଲା ନାରୀସଂଘରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ଉତ୍କଳ ବନ୍ଦନା ଗାନ କରି ମହାପୁରୁଷ ଯଥା ଫକୀରମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ଗୋପବନ୍ଧୁ ଦାସ ପ୍ରମୂଖ ପ୍ରତିମୂର୍ତ୍ତିରେ ପୁଷ୍ପମାଳ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନ ରେ ଉତ୍କଳୀୟ ପରମ୍ପରାରେ ଆଧାରିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ୫୬ ଭୋଗ ର ଅଲେଖ ସ୍ୱରୁପ ଅର୍ଣ୍ଣ, ଖିରି, କାନିକା, ପୋଡ଼ପିଠା, ବେଶର, ମହୁର, ଡାଲି, ଅଉଡ଼ା ଉତ୍ୟାଦି ଘରୋଇ ପ୍ରସ୍ତୁତି କରାଯାଇ ନାରୀସଂଘରେ ପ୍ରଦର୍ଶିତ କରାଯାଇଥିଲା ଏବଂ ଅତିଥିଙ୍କୁ ପରିବେଷିତ କରାଯାଇ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଯୁବ ଶକ୍ତି ଓ ମହିଳା ଶକ୍ତି ମାନଙ୍କ ଦ୍ୱାରା ଉତ୍କଳୀୟ ସଂସ୍କୃତି ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟତ୍ରୀ ସତ୍ୟଭାମା ମୁଦୁଲି ଏବଂ କୁନି ଉପସ୍ଥାପିକା ଇପ୍ସିତା ସ୍ୱାଇଁଙ୍କ ବଳିଷ୍ଟ ସଂଯୋଜନାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଦେବଦାସୀ, ଓଡ଼ିଶୀ, ସମ୍ବଲପୁରୀ, ସାନ୍ତାଳୀ ନୃତ୍ୟ ପରିବେଷଣ କରାଯିବା ସହିତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲା ନାରୀସଂଘର ସଭାପତି ତଥା ଅଖିଳ ଭାରତୀୟ ମହିଳା ସମ୍ମିଳନୀର ସଂଯୋଜକ ଗୋପାମୁଦ୍ରା ମହାପାତ୍ର ପ୍ରାକ୍ ସୂଚନା ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ନାରୀସଂଘର ସାଧାରଣ ସଂପାଦକ ଅପର୍ଣ୍ଣା ମହାପାତ୍ର, ଯୁବ ପ୍ରତିଭା ସମ୍ମାନ (ୟୁଥ୍ ଆଇକୋନ ଆୱାର୍ଡ଼) ୨୦୨୨ ଶ୍ରୀ ପ୍ରତିକ ଜେନା ଓ ଅରୁଦିପ୍ତ ସ୍ୱାଇଁଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ପରେ ପରେ ସବୁ ଶ୍ରେଣୀର ମହିଳା ମାନଙ୍କୁ ଦେଇ ର୍‌ୟାମ୍ପ ସୋ ଯଥା ସମ୍ବଲପୁରୀ, ବନାରସୀ, କଟୋପଡ଼ା, ଇକାଟ, ବୋମ୍‌କାଇ, ଟସର, ଖଣ୍ଡୁଆ ବିଭିନ୍ନ ପ୍ରାକାରର ସାଢ଼ୀ ପରିଧାନ କରି ଓଡ଼ିଶାର କାରୁକାର୍ଯ୍ୟକୁ ଦର୍ଶକଙ୍କ ସାମ୍ନାରେ ପ୍ରଦର୍ଶନୀ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦର୍ଶକମାନଙ୍କ ପାଇଁ ସ୍ପେସାଲ ମୁଢ଼ି ଗୁଗୁନି ଖାଇବା ପାଇଁ ସ୍ୱତନ୍ତ୍ର ଭାବେ ଆୟୋଜନ କରାଯାଇଥିଲା। ତା ସହିତ ଟଙ୍କତୋରାଣୀ, ଲେମ୍ବୁ ସରବତ ଓ ନାଲି ଚାହା ସମସ୍ତଙ୍କ ପାଇଁ ଆକର୍ଶଣ ର କେନ୍ଦ୍ରବିନ୍ଦୁ ଥିଲା। ଏହି ଅବସରରେ ୫୦୦ ରୁ ଉର୍ଦ୍ଧ୍ୱ ଲୋକ ସମାବେତ ହୋଇଥିଲେ। ସବୁଠାରୁ ଆକର୍ଷଣ ଥିଲା ବିଗତ ପୌରା ନିର୍ବାଚନରେ ବାଲେଶ୍ୱର ପୌରପାଳିକାରେ ନିର୍ବାଚିତ ହୋଇଥିବା ପୌରାଧକ୍ଷା ସବିତା ସାହୁ ଓ ମହିଳା କାଉନସିଲର ମାନଙ୍କୁ ସମ୍ବଲପୁରୀ ଉତରି ଓ ଫୁଲତୋଡ଼ା ଦିଆଯାଇ ସମ୍ମାନିତ କରାଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ଉଲେକ୍ଷନୀୟ ସଫଳତା ପାଇଁ ବିଭିନ୍ନ ବ୍ୟକ୍ତ ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଓ ପୁଷ୍ପଗୁଚ୍ଛ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ପରିଚାଳନାରେ ସାମ୍ବାଦିକ କଞ୍ଚମଣି ସ୍ୱାଇଁ, ମେଘ୍ନା ମହାପାତ୍ର, ଆୟୁଷି ଗୁପ୍ତା, ସୌମ୍ୟ ପ୍ରତିକ, ବିନାୟକ ପାଣିଗ୍ରାହୀ, ଆୟୁଶ ଜେନା, ସୌମ୍ୟ ସାର୍ଥକ, ମନିସ ମହାପାତ୍ର, ଯୋଗେଶ ସାରଓଗୀ ପ୍ରମୁଖ ସହଯୋଗ କରିଥିଲେ।

## ଭାଷା କମିଶନ ଗଠନ ସହ ଭାଷା ଆଇନ୍ କାର୍ଯ୍ୟକାରୀ କରିବା ଦିଗରେ ଗୁରୁତ୍ୱାରୋପ

ବାଲେଶ୍ୱର (ପିଏନ୍)- ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଯେଉଁ ଜାତୀୟ ଅନୁଷ୍ଠାନ ପାଇଁ ସମ୍ଭବ ହୋଇଥିଲା ସେହି ଜାତୀୟ ଅନୁଷ୍ଠାନ ଉତ୍କଳ ସମ୍ମିଳନୀର ବାଲେଶ୍ୱର ଜିଲ୍ଲାଶାଖା ପକ୍ଷରୁ ୮୬ତମ ଉତ୍କଳଦିବସ ପାଳନ କରାଯାଇଥିଲା। ସକାଳ ସାତଘଟିକାରେ ପ୍ରଥମେ ଶାଖାର ସଦସ୍ୟ, କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତିବୃନ୍ଦ ବାଲେଶ୍ୱର ଜିଲ୍ଲାସ୍କୁଲରେ ଥିବା ଉତ୍କଳଗୌରବ ମଧୁସୂଦନ




ଦାସଙ୍କ ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାଲେଶ୍ୱର ଜିଲ୍ଲାସ୍କୁଲ୍‌ରେ କୁଳବୃଦ୍ଧ ମଧୁସୂଦନ ସ୍ୱଳ୍ପକାଳ ଶିକ୍ଷକତା କରିଥିଲେ। ଏଣୁ ସେହି ସ୍କୁଲ୍ ପରିସରସ୍ଥ ତାଙ୍କର କର୍ମକ୍ଷେତ୍ରରେ ରହିଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ସମବେତ ବନ୍ଦେଉତ୍କଳଜନନୀ ସଂଗୀତଗାନ କରାଯାଇଥିଲା। ଏହାପରେ ସହରର ପ୍ରମୁଖ ସ୍ଥାନ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପୁଣ୍ୟ ଜନ୍ମପୀଠ ଶାନ୍ତିକାନନ ପରିସରସ୍ଥ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ, ଗଡ଼ଗଡ଼ିଆଘାଟ ସ୍ଥିତ ରାଧାନାଥରାୟଙ୍କ ପ୍ରତିମୂର୍ତ୍ତିରେ, ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରସ୍ଥ ଅନେକ ବରପୁତ୍ରଙ୍କ ପ୍ରତିମୂର୍ତ୍ତି, କଚେରି ହତାସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି, ଫକୀରମୋହନ ଗୋଲେଇ ଏବଂ ରେଳଷ୍ଟେସନ ସମ୍ମୁଖସ୍ଥ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରାଯିବା ପରେ ନାରୀସଂଘ ପରିସରରେ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଶାଖାର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ଡ.ରମାକାନ୍ତ ବେହେରା ଅତୀତ ଉତ୍କଳର ବରପୁତ୍ରଙ୍କ ସଂଗ୍ରାମର ଗାଥା ବର୍ଣ୍ଣନା ସହ ଓଡ଼ିଶା ରାଜ୍ୟଗଠନରେ ଉତ୍କଳସମ୍ମିଳନୀର ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଶାଖାର ସଂପାଦକ କବି କାଳୀପଦ ପଣ୍ଡା ଭାଷା ଆଇନ୍‌ର କାର୍ଯ୍ୟକାରୀତା ସହ ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ସମସ୍ୟା ସମାଧାନ ପାଇଁ ସରକାରୀ ସ୍ତରରେ ଉଦ୍ୟମ କରାଯିବା ମାତୃଭାଷାରେ ନାମଫଳକ ଓ ଚିଠିପତ୍ର ହେବା ଦିଗରେ ଗୁରୁତ୍ୱାରୋପ କରିବା ସହ ଭାଷା ଆଇନ୍ ଉଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟସରକାର ଏକ ଭାଷା କମିଶନ୍ ପ୍ରତିଷ୍ଠା କରିବା ପାଇଁ ଦାବି କରିଥିଲେ। କବି ତାନଶ୍ରୀ ପାଣିଗ୍ରାହୀ ବନ୍ଦେ ଉତ୍କଳଜନନୀ ସଂଗୀତ ଗାନ କରିଥିବା ବେଳେ ଏହି ମାଲ୍ୟାର୍ପଣ ଓ ଆଲୋଚନା ସଭାରେ ଯୋଗଦାନ କରିଥିଲେ ସୁଦର୍ଶନ ଜେନା, କମଳାକାନ୍ତ ନାୟକ, କମଳାକାନ୍ତ ଦାଶ, ଆଡ଼ଭୋକେଟ୍ ବିଜୟ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପାଢ଼ୀ, ନିରଂଜନ ପରିଡ଼ା, ରମେଶ ଚନ୍ଦ୍ର ଜେନା, ସୃଷ୍ଟିଧର ପରିଡ଼ା, ବିଷ୍ଣୁଚରଣ ପାଢ଼ୀ, ଦାମୋଦର ନାୟକ, ଡା,ସମାର୍ପିକା ପରିଡ଼ା, ଶାନ୍ତନୁ କୁମାର ପଟ୍ଟନାୟକ, ବ୍ରହ୍ମାନନ୍ଦ ସ୍ୱାଇଁ, ରତ୍ନାକର ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ପଦ୍ମଲୋଚନ ଦତ୍ତ, ବେଣୁଧର ସାହୁ, ଅର୍ଚ୍ଚନା ନନ୍ଦୀ, ଜତୀନ୍ଦ୍ର କୁମାର ପୁହାଁଣ, ପ୍ରଫୁଲ୍ଲ କୁମାର ଦାସ, ପ୍ରଦୀପ୍ତ କୁମାର ମିଶ୍ର, ସ୍ନେହଲତା ଦାସ, ବେଣୁଧର ସହୁ, ଡ.କ୍ଷିତୀଶ୍ୱର ଦାଶ, ସୁଧାକର ସେଠୀ, ସୀତାରାମ ପ୍ରଧାନ, ସୁଧାଂଶୁ ଶେଖର ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଅରୁଣ ଜେନା ପ୍ରମୁଖ। ଶେଷରେ ଉତ୍କଳସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖା ଏକ ସ୍ଥାୟୀ କାର୍ଯ୍ୟାଳୟର ସ୍ଥାନ ନିରୂପଣ ନିମନ୍ତେ ପ୍ରଶାସନ ସହ ଯୋଗାଯୋଗ କରି ଅବିଳମ୍ବେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଗୌରାଙ୍ଗ ପାଣିଗ୍ରାହୀ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ର ନବବର୍ଷରେ ପ୍ରଦୀପ ପ୍ରଜ୍ୱଳନ




ବାଲେଶ୍ୱର (ପିଏନ୍)-ସେବା ସଂଗଠନ ଓଡ଼ିଶା ତରଫରୁ ରାଷ୍ଟ୍ର ନବବର୍ଷ ଉପଲକ୍ଷେ ବଡ଼ପାଳ ପଞ୍ଚାୟତର ଶ୍ରୀକୃଷ୍ଣପୁର ସ୍ଥିତ ପିତାମ୍ବର ବାବାଙ୍କ ଆଶ୍ରମ ପରିସରରେ ସାରା ରାଷ୍ଟ୍ର ବାସୀଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୀଠାଧୀଶ ବାବା ମାଧବେନ୍ଦ୍ର ଦାସ ମହାରାଜ, ପୂଜକ ନାରାୟଣ ନନା, ସେବା ସଂଗଠନ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ସଭାପତି ସରୋଜ କୁମାର ସାହୁ, ସମ୍ପାଦକ ଶଶିକାନ୍ତ ବାରିକ୍, ରଜତ କୁମାର ବାରିକ, ମନୋଜ କୁମାର ରାଉତ, ଶୁଭାଶିଷ ପତି ଏବଂ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟା ଯାଇଥିଲା। ସମସ୍ତ କାର୍ଯ୍ୟ ସଙ୍ଗଠନର ଅଧକ୍ଷ ତଥା ବଡପାଳ ସରପଞ୍ଚ କମଳଲୋଚନ ପଣ୍ଡା ଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ସଂଗଠନର ଏଭଳି କାର୍ଯ୍ୟକୁ ସାଧାରଣତ ରେ ପ୍ରଶଂସା କରାଯାଇଛି।

## ପ୍ରାଚୀ ପରିଷଦର ବାର୍ଷିକ ଉତ୍ସବ



ଫୁଲନଖରା (ପିଏନ୍)-ସାମାଜିକ ଓ ସାଂସ୍କୃତିକ ସଂଗଠନ ପ୍ରାଚୀ ପ୍ରଜ୍ଞା ପରିଷଦର ବାର୍ଷିକ ଉତ୍ସବ କୁରାଙ୍ଗଶାସନସ୍ଥିତ ହୋଟେଲ ଆମ୍ରପଲ୍ଲୀ ଇକୋ ରିସର୍ଟ୍ସ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ସଚ୍ଚିଦାନନ୍ଦ ମୁଖ୍ୟ ଅତିଥି, ଶ୍ରୀ ସନ୍ନ୍ୟାସୀ ଜୀ ମୁଖ୍ୟ ବକ୍ତା, ଅରବିନ୍ଦ ସାହୁ, ହଂସନାଥ ସାହୁ, ଅଶ୍ୱିନୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ.ପ୍ରଫୁଲ୍ଲଚନ୍ଦ୍ର ତ୍ରିପାଠୀ, ସ୍ୱପ୍ନେଶ୍ୱର ସାହୁ, ଇଂ.ଦୁର୍ଗାଚରଣ ମିଶ୍ର, ଡଃ.ତ୍ରିନାଥ ପଟ୍ଟନାୟକ, ଇଂ.ରଂଜନକୁମାର ସାହୁ, ସୁରେନ୍ଦ୍ରନାଥ ଛୋଟରାୟ, କବିନାରାୟଣ ଜେନା, ଚିନ୍ମୟ ଦାସ, ଅନୁପ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ ଓ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁଧିଷ୍ଠିର ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପରିଷଦ କର୍ମକର୍ତ୍ତା ଓ ସଦସ୍ୟମାନେ ସହଯୋଗ କରିଥିଲେ। ଅଜୟ ପତି ଧନ୍ୟବାଦ ଦେଇଥିଲେ।

## ଡଃ ଭି.ଆର୍. ଆମ୍ବେଦକରଙ୍କ ୧୩୧ତମ ଜୟନ୍ତୀ ପାଳିତ

ଚଣ୍ଡିଖୋଲ (ପି.ଏନ)-ଭାରତ ରତ୍ନ ଡ଼ଃ ଭି ଆର ଆମ୍ବେଦକରଙ୍କ ୧୩୧ତମ ଜନ୍ମଜୟନ୍ତୀ ଉତ୍ସବ ଡ଼ଃ ଭି ଆର ପାଠାଗାର ବଡ଼ଚଣା ପକ୍ଷରୁ ପାଳିତ ହୋଇଯାଇଛି। ଉକ୍ତ ଜୟନ୍ତୀ ଉତ୍ସବ ଡ଼ାକ୍ତର ପବନେଶ୍ୱର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଦଳିତ ଅଧିକାର ମଂଚର ସଭାପତି ମାନସ ଯେନା, ସମ୍ମାନୀତ ଅତିଥି ଭାବେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସଭାପତି ଦେବରାଜ ବେହେରା, ସମାଜସେବୀ ବିକ୍ରମ ସ୍ୱାଇଁ, ଶିକ୍ଷୟିତ୍ରୀ ରଶ୍ମିତା ସେଠୀ, ସୁନନ୍ଦା ସିଦ୍ଧିଦାତ୍ରୀ ଜେନା, ଚଣ୍ଡିତଳ ସରପଂଚ ସାଗରୀକା ବିହାରୀ, କବି ଭୋଳାନାଥ ରାଉତ, ସମାଜସେବୀ ବୀରକିଶୋର ପ୍ରଧାନ, ଯୁବନେତା ବୈକୁଣ୍ଠ ନାଥ ବରାଳ, ବିଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥି ବୃନ୍ଦ ଭି ଆର ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଆମ୍ବେଦକରଙ୍କୁ ସ୍ମରଣ କରିବା ପାଇଁ ଝିଅମାନେ ଏକ ସଂଗୀତ ଗାନ କରିଥିଲେ। ସମ୍ବିଧାନ ପ୍ରଣେତା ହେଉଛନ୍ତି ଭି ଆର ଆମ୍ବେଦକର, ତାଙ୍କର ସେବା ହିଁ ଥିଲା ଭାରତବର୍ଷର ସମସ୍ତ ଜନସାଧାରଣଙ୍କ ପାଇଁ। ଯେଉଁ ସମ୍ବିଧାନରେ ଦଳିତ ବର୍ଗ, ଆଦିବାସୀମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥିଲା ତାହା ଆଜି ପୂରଣ ହେବା ସମ୍ଭବପର ହେଉନାହିଁ। ନାରୀମାନଙ୍କୁ ସ୍ୱତନ୍ତ୍ରତା ଦେବା ପାଇଁ ସରକାର ବାରମ୍ବାର କହୁଥିଲେ ମଧ୍ୟ ନାରୀମାନଙ୍କୁ ଠିକଣା ବାଟରେ ସୁରକ୍ଷା ଦିଆଯାଇପାରୁନାହିଁ। ଆଜି ସମସ୍ତେ ସେ ମହାପୁରୁଷଙ୍କ ଜନ୍ମତିଥିରେ ଶପଥ ନେବା ଦରକାର ଯେ ସମସ୍ତେ ଆମେ ସାଧାରଣ ଲୋକଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗୀକୃତ କଲେ ଡ଼ଃ ଆମ୍ବେଦକରଙ୍କ ଚିନ୍ତାଧାରା ସଫଳ ହୋଇପାରିବ ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଶେଷରେ ଜୟନ୍ତ ନାଗବଂଶି ଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୦୨

# ତତ୍ର ତତ୍ର କୃଷ୍ଣସ୍ଫୁରେ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି - ଏକ ଜ୍ୟୋତ୍ସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ। ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଳିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ। ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି। ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍‌ଟ୍ରନର ଆବର୍ତ୍ତନ। ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ ଦିନେ କହିଲେ - ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳା ଏହି ଏଟମ୍ ଭିତରେ ନିତ୍ୟ ଗତିଶୀଳତାର ଅଭିବ୍ୟକ୍ତି। ଏକ ଏଟମ୍‌ର କେନ୍ଦ୍ରାୟିତ ଆବର୍ତ୍ତନ ଯେଭଳି ସେହି ଏଟମ୍‌କୁ ଧରି ରଖିବାରେ ସାହାଯ୍ୟ କରେ, ଭାଙ୍ଗିଯିବାକୁ ଦିଏ ନାହିଁ, ସେହିପରି ଜୀବନକୁ ସୁସଂସ୍ଥ ଓ ସୁସଂବଦ୍ଧ କରି ରଖିବାକୁ ହେଲେ ଆବଶ୍ୟକ ଜୀବନର କୁଳମାଳିକ ବା ଇଷ୍ଟଗୁରୁଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ। ଏହି ଚଳନରେ ହିଁ ଜାଗି ଉଠେ ବ୍ୟକ୍ତିତ୍ୱ, ଜୀବନ ହୁଏ ଆନନ୍ଦମୟ ଓ ସେହି ଦିବ୍ୟ ଚଳନର ଦ୍ୟୋତକ ହିଁ ରାସଲୀଳା। ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ ଘଟେ ବୃନ୍ଦାବନରେ। ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି। ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର ନାମ। ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାନ୍ତି ଯେ ସେ ବୃନ୍ଦାବନ ପରିତ୍ୟାଗ କରି ଅନ୍ୟତ୍ର ଯିବାକୁ ଚାହାଁନ୍ତି ନାହିଁ - ବୃନ୍ଦାବନଂ ପରିତ୍ୟାଜ୍ୟ ପାଦମେକଂ ନ ଗଚ୍ଛାମି। କିନ୍ତୁ ବୃନ୍ଦାବନ ବାଲ୍ୟଲୀଳା ପରେ ମଧ୍ୟ ଶ୍ରୀକୃଷ୍ଣ ଲୀଳା କରିଛନ୍ତି ମଥୁରା, ହସ୍ତିନାପୁର ଓ ଦ୍ୱାରକାରେ। ଏହି ପ୍ରସଙ୍ଗରେ ଦୟାଲ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ବୃନ୍ଦାବନ ଶବ୍ଦ ଭିତରେ ଅଛି ବୃନ୍ଦ ଓ ଅବନ। ବୃନ୍ଦ ମାନେ ସମୂହ - ବିଶ୍ୱଜଗତର ସବୁକିଛି। ଅବନ ଆସିଛି ଅବ୍ ଧାତୁ ଠାରୁ ମାନେ ରକ୍ଷା କରିବା। ତେଣୁ ବୃନ୍ଦାବନ ଶବ୍ଦର ଅର୍ଥ ହେଉଛି ବିଶ୍ୱ ଦୁନିଆର ପ୍ରତିଟି ବସ୍ତୁ ଯେଉଁଠାରେ ସୁରକ୍ଷିତ ରହିଛନ୍ତି। ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ। ଏହି ଗୁଡ଼ିକ ଯେଉଁମାନେ ପାଳନ କରି ଚାଲନ୍ତି ସେମାନେ ମୃତ୍ୟୁ ଓ ସହସ୍ର ସହସ୍ର ଆପଦ ବିପଦ ମଧ୍ୟରୁ ରକ୍ଷା ପାଆନ୍ତି। ତେଣୁ ଶ୍ରୀକୃଷ୍ଣଙ୍କର ଅନୁଶାସନ ହେଲା ବୃନ୍ଦାବନ। ଏହା ବ୍ୟତୀତ ବୃନ୍ଦାବନ ଶବ୍ଦର ଆଉ ଏକ ଅର୍ଥ ନିର୍ଦ୍ଧାରଣ କରିଛନ୍ତି ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ଏହା ଧାତୁ ଗତ ଅର୍ଥ। ବୃଣ୍ ଧାତୁମାନେ ପ୍ରୀତ କରିବା, ଆଉ ଦା'ମାନେ ଦାନ କରିବା। ଏହାର ଅର୍ଥ - ଯେଉଁଠାରେ ପ୍ରୀତିର ଆଦାନ ପ୍ରଦାନ ଚାଲେ, ଅର୍ଥାତ୍ ଯେଉଁଠାରେ ମନୁଷ୍ୟ ପରସ୍ପରକୁ ଭଲ ପାଇବା ମାଧ୍ୟମରେ ସ୍ୱସ୍ତି - ଉତ୍‌ଫୁଲ୍ଲ ରହନ୍ତି। ପ୍ରୀତିପୂର୍ଣ୍ଣ ପାରସ୍ପରିକ ସେବା, ଦରଦ ଓ ସହାନୁଭୂତି ନେଇ ଯେଉଁମାନେ ବସବାସ କରନ୍ତି ସେମାନେ ବୃନ୍ଦା। ଆଉ ବନ ଶବ୍ଦସ୍ଥିତ ବନ୍ ଧାତୁ ମାନେ ବିସ୍ତାର। ତେଣୁ ବୃନ୍ଦାବନ ଅର୍ଥ ହେଲା ପ୍ରୀତିକାରୀ ଯେଉଁଠାରେ ବିସ୍ତାର ଲାଭ କରନ୍ତି। ପ୍ରେମ ଯାହାର ଅନ୍ତରରେ ରହିଛି ସେମାନଙ୍କ ଚିତ୍ତ ଉଦାର ହୁଏ, ସବୁ ପ୍ରକାର ସଂକୀର୍ଣ୍ଣତାର ବାଡ଼ ଭାଙ୍ଗି ସେମାନଙ୍କ ପ୍ରାଣର ପ୍ରସାର ଘଟେ। ତେଣୁ ଶ୍ରୀ ଶ୍ରୀ ଠାକୁର କହିଲେ ବୃନ୍ଦାବନର ଦୁଇଟି ଅର୍ଥ - ଗୋଟିଏ ହେଉଛି ଜୀବନୀ ସଂରକ୍ଷଣୀ ନୀତିବିଧି ଓ ଅନ୍ୟଟି ହେଲା ପ୍ରୀତିପ୍ରେମର ଆବାସଭୂମି। ପରମପୁରୁଷ ଯିଏ ନର ଦେହରେ ଈଶ୍ୱରଙ୍କର ଜୀବନ୍ତ ବେଦୀ, ସେ ମନୁଷ୍ୟଙ୍କୁ ଏହି ଦୁଇଟି ବିଷୟକୁ ଆଶ୍ରୟ କରି ଜୀବନ ପଥରେ ଚାଲିବା ପାଇଁ ଉଦ୍‌ବୁଦ୍ଧ କରନ୍ତି। ଶ୍ରୀ ଶ୍ରୀ ଠାକୁର କହିଲେ - ଯଜନ ଯାଜନ ଇଷ୍ଟଭୃତି, କରିଲେ କାଟେ ମହାଭୀତି। ଭଗବତ୍ ଗୀତାରେ ଶ୍ରୀକୃଷ୍ଣ କହିଲେ - ନମେ ଭକ୍ତ ପ୍ରଣଶ୍ୟତି।

*ସହ-ପ୍ରତିରକ୍ଷିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ସ୍କ୍ରିନ ଆଡିକ୍ଟ



ଡାକ୍ତର ସମ୍ରାଟ କର

ଆଜିକାଲି ସବୁ ବର୍ଗର ଲୋକଙ୍କର ଅଧିକାଂଶ ସମୟ ସ୍କ୍ରିନକୁ ଦେଖି ଦେଖି କଟୁଥିବାର ନଜରକୁ ଆସୁଛି। ଆମର ସକାଳ ଯେ କୌଣସି ଏକ ବ୍ଲୁ ସ୍କ୍ରିନକୁ ଦେଖି ଆରମ୍ଭ ହେଉଥିବାବେଳେ ସରୁଛି ମଧ୍ୟ ସେହିଭଳି। ଦୈନନ୍ଦିନ ଜୀବନର ଅନେକ କିଛି କାମ ପାଇଁ ଆମକୁ ଏହା ଉପରେ ନିର୍ଭର କରିବାକୁ ପଡୁଛି। ହେଲେ ଏହା ସବୁ ବର୍ଗ ପାଇଁ ଅନେକ କ୍ଷତି ପହଞ୍ଚାଇଥାଏ। ସେହିଭଳି କିଛି ସମସ୍ୟାକୁ ନେଇ ଉପସ୍ଥାପନା।

ସବୁବେଳେ ରହିଥାଏ ସାଙ୍ଗରେ : ସ୍କୁଲ ଠାରୁ ଆରମ୍ଭ କରି କାର୍ଯ୍ୟାଳୟ ସବୁ ସ୍ଥାନରେ କୌଣସି ନା କୌଣସି ବ୍ଲୁ ସ୍କ୍ରିନ ଗ୍ୟାଜେଟ ଯେପରି ଫୋନ, କମ୍ପ୍ୟୁଟର, ଲାପଟପ, ଟାବଲେଟ ଆଦିରେ ଆମର ଅଧିକାଂଶ ସମୟ ଅତିବାହିତ ହୋଇଥାଏ। ସେହିଭଳି ବର୍ତ୍ତମାନ ଆମର ଅବସର ସମୟ ମଧ୍ୟ ଏହି ସ୍କ୍ରିନକୁ ଦେଖି ଦେଖି କଟୁଛି। କୌଣସି କାମରୁ ବିରତି ସମୟ ହେଉ କିମ୍ବା ଅବସର ସମୟ ଅତିବାହିତ ପାଇଁ ଆମେ ଆମର ସାଙ୍ଗସାଥି ଓ ପରିବାର ଉପରେ କମ ନିର୍ଭର କରୁଛେ। ଏହାଠାରୁ ଅଧିକ ଆମେ ବ୍ଲୁ ସ୍କ୍ରିନ ଥିବା ଗ୍ୟାଜେଟ ଉପରେ ନିର୍ଭର କରୁଛେ। ତେବେ କେବେ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଷୟରେ ଚିନ୍ତା କରାଯାଇନଥାଏ। ଏହାର ଖରାପ ପ୍ରଭାବ କାରଣରୁ ଆମେ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଉ।

ନିଦ୍ରା ହୀନତା : ସ୍କ୍ରିନ ଆଡିକ୍ଟର ଏକ ଗୁରୁତର ପ୍ରଭାବ ହେଲା ନିଦ୍ରା ହୀନତା। ଏହାର ପ୍ରଭାବରେ ନିଦ ଆସିନଥାଏ। ନିଦରେ ଅନିୟମିତତା ଦେଖାଦେଇଥାଏ। ତେବେ ଏହି ନିଦ୍ରା ଜନିତ ସମସ୍ୟା ଆମକୁ ଆଗକୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ପକାଇଥାଏ। ଆମର ଲାପଟପ, ମୋବାଇଲରୁ ନିର୍ଗତ ବ୍ଲୁ ଲାଇଟ କେବଳ ଆମର ଆଖି ଖରାପ କରିଥାଏ ତାହା ନୁହେଁ, ଏହାର ବେଶି ପ୍ରଭାବ ଆମର ନିଦ ଉପରେ ପଡ଼ିଥାଏ। ଏହି ଲାଇଟ ଆମ ବ୍ରେନରେ ପ୍ରଭାବ ପକାଇଥାଏ, ଯାହାଫଳରେ ବ୍ରେନରେ କେତେକ ହରମୋନ ସିକ୍ରେସନ ହେବା ବନ୍ଦ ହୋଇଯାଏ। ଏହି କାରଣରୁ ଆମ ଶରୀର ପ୍ରାକୃତିକ ଉପାୟରେ ରିଲାକ୍ସ ହୋଇପାରିନଥାଏ ଏବଂ ନିଦ ମଧ୍ୟ ଆସିନଥାଏ। ତେବେ ଏଭଳି ସମସ୍ୟା ଯଦି ଲାଗି ରୁହେ ତେବେ ଆଗକୁ କିଛି ବଡ଼ ସ୍ୱାସ୍ଥ୍ୟ ସମସ୍ୟାରେ ପଡ଼ିବାର ସମ୍ଭାବନା ବଢ଼ିଥାଏ। କେତେ ଲୋକ ଏହାକୁ ଛୋଟ ସମସ୍ୟା ଭାବି ଏଡାଇ ଯାଆନ୍ତି, ହେଲେ ଏହା ଏକ ଗମ୍ଭୀର ସମସ୍ୟା, ଯାହାର ସମାଧାନ ଦରକାର। ତେବେ ଏହି ସମସ୍ୟାର ପ୍ରାଥମିକ ଉପଚାର ହେଲା ବ୍ଲୁ ଲାଇଟରୁ ଦୂରେଇ ରହିବା। ତେବେ ଏହାପରେ ଡାକ୍ତରଙ୍କ ପରାମର୍ଶ ନେବାର ମଧ୍ୟ ଆବଶ୍ୟକତା ରହିଛି।

ଓବେସିଟି : ଆଜିକାଲି ଯୁବ ପିଢ଼ିଙ୍କର ଫିଟ ରହିବା ଏକ ନିଶା। ଫିଟ ରହିବା ପାଇଁ ସେମାନେ ଅନେକ କିଛି କରୁଛନ୍ତି। କିଏ ବ୍ୟାୟାମର ସାହାଯ୍ୟ ନେଉଛି ତ ଆଉ କିଏ ଯୋଗ ପ୍ରାଣାୟମର। ତେବେ ଏହି ବ୍ଲୁ ଲାଇଟ ପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ହେଲେ ଗବେଷକଙ୍କ ମତରେ ଏହି ବ୍ଲୁ ଲାଇଟ କାରଣରୁ ଓବେସିଟି ଭଳି ରୋଗ ମଧ୍ୟ ହୋଇଥାଏ। ଯେଉଁମାନେ ସ୍କ୍ରିନ ଆଡିକ୍ଟ ସେମାନଙ୍କର ଓଜନ ବଢ଼ିବା ସହିତ ସେମାନଙ୍କର ଓବେସିଟି ଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଲାପଟପ, କମ୍ପ୍ୟୁଟର କିମ୍ବା ମୋବାଇଲ ଧରି ଗୋଟିଏ ସ୍ଥାନରେ ଲଗାତାର ଅଧିକ ସମୟ ବସନ୍ତି ତେବେ ତାଙ୍କର ଓଜନ ବଢ଼ିବାର ସମ୍ଭାବନା ଅଧିକ ରହିଛି। ତେଣୁ ଯଦି ବି ଆପଣଙ୍କୁ ବାଧ୍ୟତା ମୂଳକ ଏପରି କରିବାକୁ ପଡୁଛି ତେବେ ମଝିରେ ମଝିରେ ଉଠି କିଛି ସମୟ ପାଇଁ ବୁଲନ୍ତୁ। ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ସିଟରେ ନବସି କିଛି ସମୟ ୱାକ କରିପାରିବ। ଏହାଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ।

ବେକ ଓ ପିଠି ଯନ୍ତ୍ରଣା : ସ୍କ୍ରିନ ଆଡିକ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଏହା କାରଣରୁ ବେକ ଓ ପିଠିରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ଇଲେକ୍ଟ୍ରୋନିକ ସାମଗ୍ରୀର ଅଧିକ ବ୍ୟବହାର ଫଳରେ କ୍ରୋନିକ ବ୍ୟାକ, କାନ୍ଧ ବିନ୍ଧା ଓ ବେକରେ ଯନ୍ତ୍ରଣା ଦେଖିବାକୁ ମିଳିଥାଏ। ଯାହା ଆଗକୁ ଯାଇ ସ୍ପଣ୍ଡିଲାଇଟସ ଭଳି ରୋଗକୁ ସୃଷ୍ଟି କରିଥାଏ। ଏହା ବହୁତ କଷ୍ଟଦାୟକ ହୋଇଥାଏ। ଏଥିରେ ପୀଡ଼ିତ ଖୁବ ଯନ୍ତ୍ରଣା ଅନୁଭବ କରିଥାଏ। ତେବେ ଯଦି ଆପଣଙ୍କର ଏହାର ଆରମ୍ଭ ହେଉଛି ତେବେ ଏହାକୁ ପ୍ରଥମରୁ ଆଭୋଏଡ଼ କରନ୍ତୁ। ପ୍ରଥମରୁ ଏଥିନିମନ୍ତେ ଧ୍ୟାନ ଦିଅନ୍ତୁ। ଅଧିକ ସମୟ ପାଇଁ ବସିବାକୁ ଥିଲେ ମଝିରେ ମଝିରେ ବ୍ରେକ ନିଅନ୍ତୁ। ସେହିଭଳି କିଛି ଷ୍ଟ୍ରେଚିଂ ଏକ୍ସରସାଇଜ କରି ଆପଣ ଏହି ସମସ୍ୟାର ସମାଧାନ କରିପାରିବେ। ଏହି ବ୍ୟାୟାମ କରିବା ଦ୍ୱାରା କ୍ରୋନିକ ଡିସଅର୍ଡ଼ରକୁ ଦୂରେଇ ହେବ।

ପିଲାଙ୍କ ଉପରେ ରହିଛି ଖରାପ ପ୍ରଭାବ : ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ହେଲଥର ସର୍ଭେ ଅନୁସାରେ ଯେଉଁ ପିଲାମାନେ ଦୁଇ ଘଣ୍ଟାରୁ ଅଧିକ ସ୍କ୍ରିନକୁ ଚାହିଁ ବସି ଥାଆନ୍ତି। ସେମାନେ ନିଜର ଭାବ ପ୍ରକାଶ କରିବାରେ ପଛରେ ରହିଯାଉଛନ୍ତି। ସେହିଭଳି ଯେଉଁପିଲା ସାତ ଘଣ୍ଟାରୁ ଅଧିକ ସ୍କ୍ରିନକୁ ଚାହିଁ କାଟୁଛନ୍ତି, ସେମାନଙ୍କ ବ୍ରେନରୁ ଗୁରୁତର ସମସ୍ୟା ହେବାର ସମ୍ଭାବନା ବଢୁଛି। ସେହିଭଳି କେତେକ କ୍ଷେତ୍ରରେ ପିଲାମାନେ ଡେରିରେ କଥା ବୁଝୁଥିବାବେଳେ ଅନେକ ସମୟ ଚୁପଚାପ ହୋଇ ରହୁଛନ୍ତି।

ସମାଧାନ : ତେବେ ଉପରୋକ୍ତ ସମସ୍ତ ସମସ୍ୟାର ଗୋଟିଏ ସମାଧାନ ବ୍ଲୁ ଲାଇଟରୁ ଦୂରେଇ ରହିବା। ତେବେ ଏଭଳି କରିବା କେତେକ କ୍ଷେତ୍ରରେ ସହଜ ହୋଇନଥାଏ, କାରଣ କିଛି କ୍ଷେତ୍ରରେ ଏହା ବାଧ୍ୟତାମୂଳକ ଥାଏ। ତେବେ ଯେଉଁ କ୍ଷେତ୍ରରେ ଏହା ବାଧ୍ୟତାମୂଳକ ସେହି କ୍ଷେତ୍ରରେ କିଛିଟା ଟିପ୍ସ ଆପଣାଇ ଆମେ ଏହି ସମସ୍ୟାର ସମାଧାନ କରିପାରିବା। ହେଲେ ଛୋଟ ପିଲାଙ୍କ କ୍ଷେତ୍ରରେ ଏହାକୁ ଏଡ଼ାଇବା ସହଜ। ତେଣୁ ଯେତେ ପାରୁଛନ୍ତି ଛୋଟ ପିଲାଙ୍କୁ ମୋବାଇଲ ନିକଟରୁ ଦୂରେଇ ରଖନ୍ତୁ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*

# ବାଲ୍ୟ ବିବାହ ଓ ସ୍ୱାସ୍ଥ୍ୟ ସମସ୍ୟା



ଡାକ୍ତର କାନ୍ତୀ ନାୟକ

ଆଜିର ସମୟରେ ଏକ ପ୍ରକାର ପୂର୍ବ ପ୍ରଥା କୁହାଯାଉଥିବା ବାଲ୍ୟ ବିବାହ ମଧ୍ୟ ଗୋଟିଏ ଗୋଟିଏ ସ୍ଥାନରେ ଅନୁଷ୍ଠିତ ହେଉଛି। ବାଲ୍ୟ ବିବାହକୁ ନେଇ କେତେକ କ୍ଷେତ୍ରରେ ଝିଅଟି ପ୍ରଶାସନର ସାହାରା ନେଇ ନିଜ ଗୋଡରେ ପ୍ରଥମେ ଛିଡ଼ାହୋଇ ପରବର୍ତ୍ତୀ ସମୟରେ ବିବାହ ପରି ଏକ ମାଙ୍ଗଳିକ ବିଧି ବ୍ୟବସ୍ଥାରେ ନିଜକୁ ସାମିଲ କରୁଛି। ଅନେକ ହୁଏତ ଜାଣିନାହାଁନ୍ତି ଯେ ସମଗ୍ର ପୃଥିବୀର ସର୍ବମୋଟ ଜନସଂଖ୍ୟାର ଏକ ପଞ୍ଚମାଂଶ ହେଉଛନ୍ତି କିଶୋରୀ। ଏକ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ଭାରତରେ ୧୦-୨୦ ବର୍ଷ ମଧ୍ୟରେ ପ୍ରାୟ ୧୯୦ ନିୟୁତ କିଶୋରୀ ବାସ କରନ୍ତି। ଦୁଃଖଦ ଚିତ୍ରର ସଙ୍କେତଟି ହେଉଛି ଏହା ଯେ, ସେମାନଙ୍କ ମଧ୍ୟରୁ ୨୦ ବର୍ଷ ତଳକୁ ପ୍ରାୟ ଶତକଡ଼ା ୨୦ରୁ ୬୦ ଭାଗ ଗର୍ଭଧାରଣ ଓ ପ୍ରସବ ଅବାଞ୍ଛିତ ହୋଇଥାଏ। ଭାରତରେ ପ୍ରତି ବର୍ଷ ୩୦ ଲକ୍ଷ କିଶୋରୀ କନ୍ୟା ବିବାହ କରିଥାନ୍ତି ଏବଂ ସେମାନଙ୍କ ଭିତରୁ ଶତକଡ଼ା ୪୩ ଭାଗ ମୃତ୍ୟୁ ଗର୍ଭ ଯନ୍ତ୍ରଣା ଓ ଅସମୟରେ ସନ୍ତାନ ପ୍ରସବଜନିତ କାରଣରୁ ହୋଇଥାଏ। କିଶୋରୀ ଝିଅ ମାନଙ୍କର ଅବୈଧ ଗର୍ଭଧାରଣ ହେଲେ, ସେମାନେ ନିକଟସ୍ଥ ଏମ.ଟି.ପି. କେନ୍ଦ୍ରକୁ ନ ଯାଇ ଗାଁ ଗହଳିରେ ଅଣତାଲିମ ପ୍ରାପ୍ତ କ୍ୱାକ୍ ଠାରୁ ତୁଟୁକା ତୁଟୁକି ଚେରମୂଳି ଔଷଧ ଖାଇ ବିଷାକ୍ତ ଗର୍ଭପାତ ପରେ ସେପ୍ଟିକ ଆବୋରସନ୍‌ର ଶିକାର ହୁଅନ୍ତି। ଏହି ନକଲି ଡାକ୍ତରମାନେ ହଜାର ହଜାର ସଂଖ୍ୟାର କିଶୋରୀ ମାନଙ୍କ ଜୀବନକୁ କ୍ଷତାକ୍ତ ଓ ଯନ୍ତ୍ରଣାଦାୟକ କରିବାରେ ସହାୟକ ପାଲଟିଥାନ୍ତି। ଅନେକ ମୃତ୍ୟୁମୁଖରେ ପଡ଼ିଥାନ୍ତି ତ ଆଉ କେତେକ ଆଜୀବନ ନିଜର ଜରାୟୁ ହରାଇଥାନ୍ତି। କେତେଜଣଙ୍କର ମଧ୍ୟ ବନ୍ଧ୍ୟାଦୋଷ, ବାରମ୍ବାର ଗର୍ଭପାତ ଓ ଅପରିଣତ ପ୍ରସବ ହୋଇଥାଏ। ତେବେ ଏହା ହିଁ ସବୁଠାରୁ ଅଭାବନୀୟ ଘଟଣା। ଏହି ସମୟରେ ଝିଅଟି ତା ଶରୀରର ପ୍ରତିପୋଷଣ ଓ ପରିବର୍ଦ୍ଧନ ପାଇଁ ସୁଷମ ଖାଦ୍ୟ ଆବଶ୍ୟକ ହେଉଥିବା ବେଳେ ପିଲାଟି ପାଇଁ ମଧ୍ୟ ପୁଷ୍ଟିକର ଖାଦ୍ୟର ଦରକାର ହୋଇଥାଏ। ଏହି ସମୟରେ ଝିଅଟିର ଶରୀରର ବର୍ଦ୍ଧନ ପାଇଁ ସୁଷମ ଖାଦ୍ୟ ଦରକାର ହେଉଥିବାବେଳେ ଶିଶୁଟି ପାଇଁ ମଧ୍ୟ ପୁଷ୍ଟିକର ଖାଦ୍ୟ ଆବଶ୍ୟକ ହୋଇଥାଏ। ଯାହାକି ରକ୍ତହୀନତା ରୋଗର ସୃଷ୍ଟି କରିଥାଏ। ପ୍ରସବ କଷ୍ଟସାଧ୍ୟ ହୋଇଥାଏ। ସିଜରିଆନ୍ କରାଯାଏ। ଫଳରେ ଅଳ୍ପ ଓଜନର ଶିଶୁ ହୁଏ। ତେଣୁ ଶିଶୁ ମୃତ୍ୟୁହାର ଅନେକାଂଶରେ ବଢ଼ିଯାଏ। ଏଠାରେ ସୂଚାଇ ଦେଉଛି କି ଯେ, ଜଣେ ବିବାହିତା କିଶୋରୀ ଗର୍ଭାବସ୍ଥା ଓ ପ୍ରସବକୁ ଆନନ୍ଦର ସହ ଗ୍ରହଣ କରୁଥିବା ସମୟରେ ବାଲ୍ୟ ବିବାହ କରିଥିବା ଝିଅଟିଏ ପାଇଁ ଏହା ମାନସିକ ଦୁଶ୍ଚିନ୍ତାର କାରଣ ହୋଇଯାଏ। ନିଜ ଜୀବନର କଷ୍ଟଦାୟକ ମୁହୂର୍ତ୍ତକୁ ସାମ୍ନା କରୁଥିବାବେଳେ ସେ ଆନନ୍ଦ, କ୍ରୋଧ, ମାନସିକ ଅବସାଦ ଦେଇ ଗତିକରେ। ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ମନେ ରଖନ୍ତୁ ଜଣେ ଗର୍ଭବତୀ ହେବାପରେ ନିଜର ପରିଚିତ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ହୁଅନ୍ତୁ ବା ସରକାରୀ ଡାକ୍ତରଖାନା ସେଠାରେ ନିୟମିତ ବ୍ୟବଧାନରେ ବିଶେଷଜ୍ଞ ଡାକ୍ତରଙ୍କ ସହଯୋଗରେ ଗର୍ଭାବସ୍ଥାରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ରକ୍ତଚାପ ଆଦି ପରୀକ୍ଷା କରାଇନେବା ଜରୁରୀ। ଏହାଛଡ଼ା ସୁଷମଖାଦ୍ୟ ଓ ଆଇରନ, କ୍ୟାଲସିୟମ ଖାଇବା ପାଇଁ ପରାମର୍ଶ ଦେବା ଉଚିତ। ଏକ ଦୁଃଖଦ ଘଟଣାକ୍ରମଟି ହେଉଛି ଏୟା ଯେ, କମ୍ ବୟସରେ ପହଞ୍ଚିଥିବା କିଶୋରୀଟି ନିଜ ଜୀବନ ଓ ଦୁନିଆକୁ କିଛି ବୁଝିବା ପୂର୍ବରୁ ହିଁ ସେ ଅସମୟରେ ଗର୍ଭବତୀ ହୋଇ ଯେଉଁ ସନ୍ତାନଟିକୁ ଜନ୍ମ ଦେଇଥାଏ। ଏହି କମ୍ ବୟସରୁ ମା' ବନିଥିବା ଅଳ୍ପ ବୟସର ଗର୍ଭବତୀଙ୍କ ପ୍ରସବ ସମୟରେ ଅନେକ ଜଟିଳତା ଦେଖାଦିଏ। କେତେକ କ୍ଷେତ୍ରରେ ପ୍ରସୂତୀଟି ନିଜ ପିଲାଟିକୁ ଜନ୍ମ ଦେବା ପରେ ଦେହରୁ ଅଧିକ ରକ୍ତକ୍ଷରଣ ହୋଇଥାଏ ଓ କେତେକ କ୍ଷେତ୍ରରେ ମଧ୍ୟ ଏହା ସେପ୍‌ସିସ୍‌ର ଭୟ ରହିଥାଏ। ଏହାଛଡ଼ା ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ ମା'ଟିକୁ ଉପଯୁକ୍ତ ପରାମର୍ଶ ଦେବା ଜରୁରୀ। ପ୍ରସବ ପରେ ପୁଣିଥରେ ଗର୍ଭଧାରଣ ନକରିବା ପାଇଁ ଝିଅଟିକୁ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରୋତ୍ସାହନ ଦେବା ଉଚିତ। ଆଜିର କ୍ରାନ୍ତିକାରୀ ସ୍ୱାସ୍ଥ୍ୟ ବିଜ୍ଞାନର ଯୁଗରେ କମ ବୟସରେ ମା'ହେଉଥିବା କିଶୋରୀଟି ପାଇଁ ତା ଦୁନିଆଟି ଯେ କେତେ ଦୁଃଖଦ ପାଲଟି ଯାଏ ତାହା ମଧ୍ୟ ଏକ ବହୁତ ବଡ଼ ଘଟଣାର ଆହ୍ୱାନ!! ଓଡ଼ିଶା ସରକାର ସ୍ତ୍ରୀ ଓ ପ୍ରସୂତୀରୋଗ କ୍ଷେତ୍ରରେ ଅନେକ ପ୍ରୋତ୍ସାହନ ଓ ସହାୟତା ଦେଉଛନ୍ତି। ଜଣେ ମହିଳା ବା କିଶୋରୀ ଗର୍ଭବତୀ ହେବା ସମୟରୁ ହିଁ ସେମାନେ କିପରି ଉତ୍ତମ ପୁଷ୍ଟିକର ଖାଦ୍ୟ ଖାଇବେ, ସେମାନଙ୍କ ଭିତରେ କିପରି ସଚେତନତା ବଢ଼ିବ ଏବଂ ସେହିମାନେ ହିଁ ଆଜିର ଯୁଗରେ କୁସଂସ୍କାରକୁ ଦୂରେଇ ପାରିବାରେ ମଧ୍ୟ ସାମର୍ଥ୍ୟ ରଖିବେ। ସରକାରଙ୍କ ସମସ୍ତ ଡାକ୍ତରଖାନା ପିଏସ୍‌ସି ହେଉ ବା ସିଏସ୍‌ସି, ଜିଲ୍ଲାସ୍ତରୀୟ ଡାକ୍ତରଖାନା ହେଉ ବା ବଡ଼ମେଡ଼ିକାଲ ସବୁଠି ବିନା ମୂଲ୍ୟରେ ଚିକିତ୍ସା, ପରାମର୍ଶ ଓ ସହାୟତା ଗ୍ରହଣ କରନ୍ତୁ। କୌଣସି କାନକୁହା କଥା ଶୁଣି କୌଣସି ପଦକ୍ଷେପ ନିଅନ୍ତୁ ନାହିଁ। ଓଡ଼ିଶାର କିଛି ସୀମାନ୍ତ ଓ ଜଳଭଣ୍ଡାର କ୍ଷେତ୍ରର ସ୍ଥାନୀୟ ମହିଳା ମାନଙ୍କ ପାଖକୁ କିପରି ସରକାରଙ୍କ ସ୍ୱାସ୍ଥ୍ୟ ଓ ପ୍ରସୂତୀର ସହାୟତା ମିଳିପାରିବ ସରକାର ସେ ଦାୟିତ୍ୱ ମଧ୍ୟ ହାତକୁ ନେଇଛନ୍ତି। ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଓ ବୋଟ ଆମ୍ବୁଲାନ୍ସର ସୁଯୋଗ ମଧ୍ୟ ସରକାର ରାଜ୍ୟବାସୀଙ୍କୁ ଯୋଗାଇ ଦେଇଛନ୍ତି।

*ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*

# ସିନେ ଇତିହାସର ବିରଳ କୃତୀ : ଓଡ଼ିଆ ନିର୍ବାକ ଚଳଚ୍ଚିତ୍ର



ବାଦଲ ଭୂୟାଁ

କରୋନା ମହାମାରୀ ପାଇଁ ଅସ୍ତବ୍ୟସ୍ତ ଓ ଦୁଃଖଦ ସମୟ ବେଳେ ସିନେ ଜଗତ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ପ୍ରଯୋଜକ ବା ନିର୍ଦ୍ଦେଶକ, ଅଭିନେତା ବା ସିନେମା ହଲ ମାଲିକ ସମସ୍ତଙ୍କ ପାଇଁ କରୋନା ଏକ ପ୍ରକାର ଚଡ଼କ ସଦୃଶ ପ୍ରତୀୟମାନ ହୋଇଥିଲା। ଅନେକ ଓଡ଼ିଆ ସିନେମା ଏପର୍ଯ୍ୟନ୍ତ ସୁଦ୍ଧା ମୁକ୍ତିଲାଭ କରିନାହିଁ ଯଦିଓ ଆଗକୁ ଭଲ ସମୟ ଆସୁଛି। ଏହିପରି ଏକ ଦୁଃଖଦ ସମୟରେ ଏକ ଖୁସିର ଖବର ଓଡ଼ିଶାର ସିନେପ୍ରେମୀଙ୍କ ପାଇଁ ସ୍ମରଣୀୟ ହେବାକୁ ଯାଉଛି। ଓଡ଼ିଆ ସିନେମାର ଲମ୍ବା ଇତିହାସରେ ଏକ ନୂଆ କୀର୍ତ୍ତିସ୍ତମ୍ଭ ଯୋଡ଼ି ହେବାକୁ ଯାଉଛି। ପ୍ରଥମଥର ପାଇଁ ଓଡ଼ିଶାରେ ଓଡ଼ିଆ ଭାଷାରେ ଏକ ନିର୍ବାକ ଚଳଚ୍ଚିତ୍ର ତିଆରି ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ସୂଚନାଥାଉକି ଭାରତର ବିଭିନ୍ନ ପ୍ରାଦେଶିକ ଭାଷାରେ ନିର୍ବାକ୍ ଚଳଚ୍ଚିତ୍ର ପ୍ରସ୍ତୁତ ହୋଇସାରିଛି। ଏପରିକି ଅନେକ ବର୍ଷ ତଳେ ନିର୍ଦ୍ଦେଶକ ଅଭିନେତା କମଳା ହାସନ 'ପୁଷ୍ପକ' ନାମରେ ଏକ ସିନେମା ତିଆରି କରିଥିଲେ। କିନ୍ତୁ ୧୯୩୬ରେ ତିଆରି ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ' ସବାକ୍ ଥିବାବେଳେ ୮୫ବର୍ଷ ଇତିହାସରେ କୌଣସି ନିର୍ବାକ୍ ଓଡ଼ିଆ ସିନେମା ତିଆରି ହୋଇନାହିଁ। କିନ୍ତୁ ଆଜିର ସବାକ୍ ଚଳଚ୍ଚିତ୍ର ସମୟରେ ନିର୍ବାକ୍ ଚଳଚ୍ଚିତ୍ର ତିଆରି କରିବାର ଗୁରୁ ଆହ୍ୱାନକୁ ସାମ୍ନା କରିବାକୁ ଯାଉଛନ୍ତି କିଛି ବରିଷ୍ଠ ସିନେ ଷ୍ଟାର ଓ ନିର୍ଦ୍ଦେଶକ। ସେମାନଙ୍କ ଲମ୍ବା ଅନୁଭବର ପାରଦର୍ଶିତା ହିଁ ଏହି ଚଳଚ୍ଚିତ୍ର ତିଆରି ପାଇଁ ପ୍ରେରଣା ଯୋଗାଇଛି। ନିର୍ଦ୍ଦେଶକ ଉମେଶ ଦାସଙ୍କ ନିର୍ଦ୍ଦେଶନାରେ 'ମିଷ୍ଟର ଟୁକ୍‌ଟୁକ୍' ନାମକ ଏହି ନିର୍ବାକ୍ ସିନେମା ତିଆରି ହେବାକୁ ଯାଉଛି। ସାମ୍ବାଦିକ ଓ ଅଭିନେତା ସନ୍ଦୀପ ପାଣି, ଟୁକୁ ଶ୍ରୀଚନ୍ଦନ, ବୁଲବୁଲଙ୍କ ପରି ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି।

କରୋନା ପରି ଅନେକ ଦୁଃଖ, ଲୁହ ଓ କୋହ ମଣିଷକୁ ଅସ୍ତବ୍ୟସ୍ତ କରିଦିଏ। ତା ଭିତରେ ନୈରାଶ୍ୟ, ଦୁଃଖ, ଅଭାବବୋଧ ପରି ଯନ୍ତ୍ରଣାର ଘଟଣା ଅନୁଭବୀ ମଣିଷଟିକୁ ଆଗକୁ ବଢ଼ିବା ପାଇଁ ରାସ୍ତା ଦେଖାଇଥାଏ। ସୁଖ ଓ ଦୁଃଖ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି। ଆଜିର ଦୁଃଖ ନିଶ୍ଚୟ ଦୂରେଇ ଯିବ ଆଉ ଏହାପରେ ହିଁ ସୁଖର ମୁହୂର୍ତ୍ତ। ନିଜ ଜୀବନକୁ ଖୋଲା ଓ ବିନ୍ଦାସ କରି ନିତିଦିନିଆ ଜୀବନର ଘଟଣା ମାନଙ୍କୁ ନେଇ ହାସ୍ୟ ରସାତ୍ମକ ଏହି ନିର୍ବାକ୍ ସିନେମା ଓଡ଼ିଆ ସିନେ ଇତିହାସରେ କେବଳ ଏକ ନୂଆ ଫର୍ଦ୍ଦ ଯୋଡ଼ିବ ନାହିଁ ବରଂ କୋଟି କୋଟି ଓଡ଼ିଆ ସିନେପ୍ରେମୀ ଓ ଦର୍ଶକଙ୍କୁ ଏକ ନୂଆ ସ୍ୱାଦ ଦେବ ବୋଲି ଆଶା କରାଯାଉଛି। କଟକର କଳାବିକାଶ କେନ୍ଦ୍ର ନିକଟରେ ଏହାର ମହୁରତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେବଳ ଭାରତୀୟ ସିନେମା ନୁହେଁ ବିଶ୍ୱର ହଲିଉଡ ସିନେମା କୁହାଯାଉଥିବା ବିଭିନ୍ନ ଦେଶର ସିନେମାରେ ବହୁତ ଆଗରୁ ନିର୍ବାକ୍ ସିନେମା ତିଆରି କରିବା ସହ ଏହା ପ୍ରଚୁର ଦର୍ଶକୀୟ ତାଳିମାଡ଼ ପାଇଛି। ଏ କ୍ଷେତ୍ରରେ ଭାରତ ମଧ୍ୟ ପଛରେ ନାହିଁ। କାରଣ ୮୦ ଦଶକର ପୂର୍ବରୁ ଭାରତରେ ନିର୍ବାକ ସିନେମା ତିଆରି ହେବାସହ ଏହା ପ୍ରଯୋଜକଙ୍କୁ ଆର୍ଥିକ କ୍ଷେତ୍ରରେ ଘାଟା କରିନାହିଁ। ଆଜିର ମୋବାଇଲ ଯୁଗରେ ହାତ ଆଙ୍ଗୁଠି ସାମ୍ନାରେ ଜଣେ ଯେକୌଣସି ସିନେମା ଦେଖିବାର ଆନନ୍ଦ ପାଉଥିବା ସମୟରେ ନିର୍ବାକ ସିନେମା ଏକ ଗୁରୁତ୍ୱପୂର୍ଣ୍ଣ ଚଳଚ୍ଚିତ୍ରର ସ୍ଥାନ ନେବାକୁ ଯାଉଛି। ତେବେ ଏହି ନିର୍ବାକ୍ ସିନେମା ବିଶେଷକରି ଓଡ଼ିଆ ସିନେପ୍ରେମୀଙ୍କୁ କେତେଦୂର ମନୋରଞ୍ଜନର ମସଲା ଦେଉଛି ତାହା ତ ଏକ ବଡ଼ ପ୍ରଶ୍ନ ନିଶ୍ଚୟ। କିନ୍ତୁ ଏହି ସିନେମା ନୂଆ ଇତିହାସ କରିବା ସହ ଭାରତର ଅନ୍ୟ ପ୍ରାଦେଶିକ ନିର୍ବାକ୍ ଚଳଚ୍ଚିତ୍ର ଠାରୁ ଯେ ଓଡ଼ିଶା ବେଶି ପଛରେ ନାହିଁ ଏହା ମଧ୍ୟ ଏକ ଆହ୍ୱାନ ଭରା ମୁହୂର୍ତ୍ତ। ଓଡ଼ିଆ ନିର୍ବାକ୍ ସିନେମା ଅଗଣିତ ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଉ, ପ୍ରଯୋଜକ ଓ ନିର୍ଦ୍ଦେଶକ ମହୋଦୟ ସିନେମା ତିଆରି ପାଇଁ ସେମାନଙ୍କ ଉଦ୍‌ଯୋଗ ପାଣିରେ ପଡ଼ିବ ନାହିଁ ବୋଲି ବିଶ୍ୱାସ କରାଯିବା ସହ ଏହି ନାଟ୍ୟପ୍ରେମୀ ଲେଖକ ବ୍ୟକ୍ତିଟି ଏହି ସିନେମାର ପ୍ରସ୍ତୁତି ଓ ପ୍ରଗତି ପାଇଁ ଶୁଭକାମନା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ଯେ ଏହି ଧରଣର ସିନେମା ଯେପରି ଆଗାମୀ ପିଢ଼ି ପାଇଁ ଆହୁରି ପ୍ରସ୍ତୁତ ହେଉ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ଗଣତନ୍ତ୍ରର ମୂଲ୍ୟ



ସର୍ବେଶ୍ୱର ବେହେରା

ସର୍ବପ୍ରଥମେ ଗଣତନ୍ତ୍ର ଇଂଲଣ୍ଡରେ ଆସିଥିଲା । ଇଂଲଣ୍ଡରେ ରାଜତନ୍ତ୍ରର ନିରଙ୍କୁଶତା ବିରୁଦ୍ଧରେ ଜନସାଧାରଣ ସ୍ୱର ଉତ୍ତୋଳନ କରିଥିଲେ । ଦ୍ୱାଦଶ ଶତାବ୍ଦୀର ଅନ୍ତିମ କାଳରେ ଏହି ଅସନ୍ତୋଷ ତୀବ୍ରତର ହୋଇଥିଲା । ଦେଶର ଶାସନରେ ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କଲେ । ଏହାକୁ ଗଣତନ୍ତ୍ର କୁହାଗଲା । ବୁଦ୍ଧିଜୀବୀ ଓ ଜନସାଧାରଣମାନେ ୧୨୧୫ ମସିହାରେ ମାଗ୍ନାକାର୍ଟା ନାମକ ଏକ ପଦ୍ଧତି ପ୍ରଣୟନ କଲେ । ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ କରିବା ପାଇଁ ପାର୍ଲ୍ୟାମେଣ୍ଟ ଗଠନ କରିବା ପାଇଁ ଦାବି ହେଲା । ରାଜପରିଷଦ (କିଙ୍ଗ କାଉନସିଲ)କୁ ପାର୍ଲ୍ୟାମେଣ୍ଟ କୁହାଗଲା । କିନ୍ତୁ ଏହି ପାର୍ଲ୍ୟାମେଣ୍ଟର ଅଧିକାର ସମ୍ବନ୍ଧରେ ଦେଶର ବୁଦ୍ଧିଜୀବୀମାନେ ଚର୍ଚ୍ଚା ଆଲୋଚନା, ସଭା-ସମିତି ମାଧ୍ୟମରେ ଜନଜାଗରଣ କଲେ । ରାଜା ଚାପର ବଶବର୍ତ୍ତୀ ହୋଇ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କଲେ । ପାର୍ଲ୍ୟାମେଣ୍ଟର ଗଠନ କରିବା ପାଇଁ ରାଜା ଘୋଷଣା କଲେ । କିନ୍ତୁ ପାର୍ଲ୍ୟାମେଣ୍ଟର କ୍ଷମତା ନଥିଲା । ୧୬୮୮ରେ ଇଂଲଣ୍ଡରେ ଗ୍ଲୋରିୟସ ରିଭୋଲ୍ୟୁସନ ଦେଖାଦେଲା । ତା'ପରେ ପାର୍ଲ୍ୟାମେଣ୍ଟର କ୍ଷମତା ନିର୍ଦ୍ଧାରଣ କରାଗଲା । ରାଜାଙ୍କ ସ୍ଥାନରେ ପାର୍ଲ୍ୟାମେଣ୍ଟ ସର୍ବୋପରି ହେଲା । ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ପାର୍ଲ୍ୟାମେଣ୍ଟର କ୍ଷମତା ସମସ୍ତେ ଅନୁଭବ କଲେ । ୧୬୮୮ରେ ଇଂଲଣ୍ଡରେ ସର୍ବପ୍ରଥମେ ସମଗ୍ର ଜନତାଙ୍କର ମାତ୍ର ଚାରି ପ୍ରତିଶତଙ୍କ ଭୋଟ ଦେବାର ଅଧିକାର ମିଳିଲା । ୧୮୩୨ରେ ସେମାନେ ଗଣତନ୍ତ୍ରର ସୁଧାର ପାଇଁ ନୂତନ ଆଇନ ପ୍ରଣୟନ କରିଥିଲେ । ଏହି ଆଇନ ବଳରେ ଦେଶର ସମଗ୍ର ଜନତାଙ୍କର ଦଶ ପ୍ରତିଶତଙ୍କୁ ଭୋଟ ଦେବାର ଅଧିକାର ମିଳିଲା । ଏହାପରେ ୧୮୬୭ ଓ ୧୮୮୨ରେ ଏହାର ସୀମା ବୃଦ୍ଧି ପାଇଲା । ୧୯୧୮ ମସିହାରେ କେବଳ ପୁରୁଷମାନଙ୍କୁ ଭୋଟ ଦେବାର ଅଧିକାର ମିଳିଲା । ମହିଳାମାନେ ଏହି ପୁରୁଷ ପ୍ରାଧାନ୍ୟ ନିର୍ଣ୍ଣୟ ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କଲେ । ପରେ ମହିଳାମାନଙ୍କୁ ୨୧ ବର୍ଷ ବୟସରେ ଭୋଟ ଦେବାର ଅଧିକାର ମିଳିଲା । ପୁରୁଷମାନଙ୍କ ୧୮ ବର୍ଷ ଓ ମହିଳାମାନଙ୍କ ୨୧ ବର୍ଷରେ ଭୋଟ ଦାନ ଅଧିକାରର ତାରତମ୍ୟକୁ ସମସ୍ତେ ସମାଲୋଚନା କଲେ । ପାର୍ଲ୍ୟାମେଣ୍ଟରେ ଚର୍ଚ୍ଚା-ଆଲୋଚନା ହେଲା । ଏହି ପାର୍ଥକ୍ୟ କାହିଁକି ? ବରିଷ୍ଠ ସାଂସଦମାନେ ମତ ଦେଲେ ଏହା ଏକ ପ୍ରୟୋଗ (ଏକ୍ସପେରିମେଣ୍ଟ) କରାଯାଉଛି । ଏହା କେତେଦୂର ସଫଳ ହେବ, ତାହା ଭବିଷ୍ୟତ କହିବ । ଏହି ଏକ୍ସପେରିମେଣ୍ଟ ଦୀର୍ଘଦିନ ଧରି ଚାଲିଲା । ଶେଷରେ ୧୯୨୮ରେ ସମସ୍ତେ ପୁରୁଷ ଓ ମହିଳାମାନେ ୧୮ବର୍ଷ ବୟସରେ ଭୋଟଦାନ କରିବାର ଅଧିକାର ମିଳିଲା । ସୁଦୀର୍ଘ ସଂଘର୍ଷ ଓ ଶତତ ଜନଜାଗରଣ ଫଳରେ ଏହି ଗଣତନ୍ତ୍ର ସେଠାରେ ପ୍ରତିଷ୍ଠା ହେଲା । ଅର୍ଥାତ୍ ୧୨୧୫ରୁ ଆରମ୍ଭ ହୋଇଥିବା ଜନଜାଗରଣର ସୁଫଳ ୧୯୨୮ରେ ମିଳିଲା । ଦୀର୍ଘ ସାତ ଶହ ବର୍ଷ କାଳ ଗଣତନ୍ତ୍ର ପ୍ରତିଷ୍ଠାର ଏହା ଏକ ଐତିହାସିକ ପଦକ୍ଷେପ । ସମସ୍ତ ଜନସାଧାରଣ ଗଣତନ୍ତ୍ରର ମୂଲ୍ୟ ହୃଦୟଙ୍ଗମ କରିଥିଲେ । ଫଳରେ ସେଠାରେ ଗଣତନ୍ତ୍ର ସୁଚାରୁ ରୂପେ କାର୍ଯ୍ୟ କରୁଛି।

ଆମ ଦେଶରେ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଏପରି କୌଣସି ଜନଜାଗରଣ ହୋଇନାହିଁ । ସର୍ବପ୍ରଥମେ ୧୯୨୦ରେ ଗଣତନ୍ତ୍ର ମଣ୍ଟେଗୁ ଚେମ୍ସଫୋର୍ଡ ପ୍ରଣୟନ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ସେତେବେଳେ ଦେଶରେ ୨୪ କୋଟି ଜନସାଧାରଣ ଥିଲେ । ସେତେବେଳେ ଦେଶରେ ୨୪କୋଟି ଜନସାଧାରଣ ଥିଲେ । ସଂଯୁକ୍ତ ରାଜ୍ୟ ଶାସନ (ଫ୍ୟୁଡ଼ାଲ ଶାସନ ପଦ୍ଧତି) ଥିଲା । କାଉନସିଲ ଅଫ ଷ୍ଟେଟସ ପାଇଁ ୧୭୦୦୦ ଜନସାଧାରଣଙ୍କୁ ଭୋଟ ଦେବା ଅଧିକାର ମିଳିଲା । ନେସନାଲ ଆସେମ୍ବ୍ଲି ପାଇଁ ୯ଲକ୍ଷ ୯ହଜାର ବ୍ୟକ୍ତିଙ୍କୁ ଭୋଟ ଦେବାର ଅଧିକାର ମିଳିଲା । ଗଣତନ୍ତ୍ର ପାଇଁ କୌଣସି ସଂଘର୍ଷ ଜନଜାଗରଣ ବିନା ଆମ ଦେଶରେ ୯ଲକ୍ଷ ଲୋକଙ୍କୁ ତୁରନ୍ତ ଭୋଟ ଦେବାର ଅଧିକାର ମିଳିଲା । ସ୍ୱାଧୀନତା ପରେ ୧୯୫୦ରେ ତୁରନ୍ତ ସମସ୍ତ ଜନସାଧାରଣଙ୍କୁ ଭୋଟ ଦେବାର ଅଧିକାର ମିଳିଲା । ଭାରତରେ ଜନସାଧାରଣମାନେ ଇଂଲଣ୍ଡର ଜନସାଧାରଣଙ୍କ ପରି ଗଣତନ୍ତ୍ର ସମ୍ବନ୍ଧରେ କୌଣସି ସଂଘର୍ଷ କିମ୍ବା ଜନଜାଗରଣ କରି ନାହାନ୍ତି । ଭାରତର ଜନସାଧାରଣ ଗଣତନ୍ତ୍ର ସମ୍ବନ୍ଧରେ କୌଣସି ପ୍ରଶିକ୍ଷଣ କରିନାହାନ୍ତି । ଏଣୁ ଗଣତନ୍ତ୍ରର ମୂଲ୍ୟକୁ ହୃଦୟଙ୍ଗମ କରି ନାହାନ୍ତି । ଇଂଲଣ୍ଡର ଜନତା ଏହି ପ୍ରଶିକ୍ଷଣ ୭୦୦ ବର୍ଷ ଧରି ଗ୍ରହଣ କରିଥିଲେ । କିନ୍ତୁ ଭାରତରେ ଏହା ହୋଇ ନଥିବା ଯୋଗୁଁ ଗଣତନ୍ତ୍ରର ସୁଫଳ ଆଜି ଦେଖାଯାଇ ନାହିଁ । ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ଭାରତର ତତକାଳୀନ ନେତାମାନେ ସମାଲୋଚନା କରିଥିଲେ । ୧୯୦୮ ମସିହାରେ 'ହିନ୍ଦ ସ୍ୱରାଜ୍ୟ' ପୁସ୍ତକରେ ମହାତ୍ମା ଗାନ୍ଧୀ ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ଭାରତରେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି । ଯଦି ଏହା ଭାରତରେ ଲାଗୁ କରାଯାଏ ତେବେ ଭୋଟର ମାନଙ୍କର ଅବସ୍ଥା (ବେଶ୍ୟା) ପରି ହେବ । ଭୋଟରମାନେ କିଣାବିକା ହୋଇଯିବେ । ଗଣତନ୍ତ୍ରର ସୁଫଳ ମିଳିପାରିବ ନାହିଁ ବୋଲି ମହାତ୍ମା ଗାନ୍ଧୀ ବର୍ଣ୍ଣନା କରିଛନ୍ତି । ଶ୍ରୀ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ୧୯୨୬ରେ ନିଜର ଜୀବନୀ ସମ୍ବନ୍ଧରେ ଏକ ପୁସ୍ତକ ରଚନା କରିଛନ୍ତି । ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଯଦି ଭାରତ ଇଂଲଣ୍ଡର ସଂସଦୀୟ ପ୍ରଣାଳୀକୁ ସ୍ୱୀକାର କରେ ତେବେ ସର୍ବପ୍ରଥମେ ନିର୍ବାଚନ ସମୟରେ ଭ୍ରଷ୍ଟାଚାର ବୃଦ୍ଧି ପାଇବ । ନିର୍ବାଚନ ପରେ ମଧ୍ୟ ଏହି ଭ୍ରଷ୍ଟାଚାରକୁ ନିୟନ୍ତ୍ରଣ କରିହେବ ନାହିଁ । ୧୯୪୩ ମସିହାରେ ବିଶିଷ୍ଟ ଲେଖକ ଶ୍ରୀ ମାନବେନ୍ଦ୍ର ରାୟ 'ପାର୍ଟି ପାୱାର ଆଣ୍ଡ ପଲିଟିକ୍ସ' ନାମକ ଏକ ପୁସ୍ତକ ରଚନା କରିଥିଲେ । ସେ ବିଶ୍ୱର ବହୁ ଦେଶର ସମ୍ବିଧାନକୁ ଅଧ୍ୟୟନ କରି ଏହି ପୁସ୍ତକ ରଚନା କରିଥିଲେ । ସେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଭାରତର ଗଣତନ୍ତ୍ରର ସୁଫଳ ସେତେବେଳେ ମିଳିବ ଯେବେ ସମସ୍ତ ଜନସାଧାରଣ ଜାଗ୍ରତ ହୋଇ ଏହାର ମୂଲ୍ୟକୁ ହୃଦୟଙ୍ଗମ କରିବେ । ଶ୍ରୀ ମାନବେନ୍ଦ୍ର ଏ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ଭାରତରେ ଗଣତନ୍ତ୍ର ସମ୍ବନ୍ଧରେ ପବ୍ଲିକ୍ ଏଜୁକେସନ ଆବଶ୍ୟକ । ଏକ ସଭାରେ ତାଙ୍କୁ ପ୍ରଶ୍ନ କରାଗଲା ଯେ ଭାରତରେ ଶତକଡ଼ା ପଚାଶ ଭାଗ ନିରକ୍ଷର । ସେମାନଙ୍କୁ ଏ ସମ୍ବନ୍ଧରେ ପ୍ରଶିକ୍ଷଣ କିପରି ପ୍ରଦାନ କରାଯାଇ ପାରିବ ? ଶ୍ରୀ ଏମ.ଏନ.ରାୟ ଏହାର ଏକ ସୁନ୍ଦର ଉତ୍ତର ପ୍ରଦାନ କରିଥିଲେ । ଣରସ୍ୱ, ସସ୍ୱ ଙ୍କବଛ ଭର କ୍ଷକ୍ଟଭଶ ଙ୍ଗବଛ, ଭଙ୍କସ୍ୱ ସସ୍ୱ ଙ୍ଗକ୍ଟଙ୍କକ୍ଷୟ ଭର ସ୍ୱଷର କ୍ଟଭକ୍ଷଛ ଙ୍ଗବଛ, ସ୍ୱଷରଭ ସସ୍ୱ ସସ୍ୱ ବକ୍ଷସ୍ୱକ୍ଟ ସ୍ୱଷର ସ୍ୱଷକ୍ଟକ୍ସସ୍ୱ-ରସ୍ୱସ୍ୱ ଙ୍ଗବଛ. ଏହି ରାସ୍ତା ସୁଦୀର୍ଘ ହୋଇପାରେ, ଯଦି ଏହା ଏକମାତ୍ର ରାସ୍ତା ତେବେ ଏହା କ୍ଷୁଦ୍ର ରାସ୍ତା ।

ଆଜି ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବ କାଳରେ ମଧ୍ୟ ଆମେ ଗଣତନ୍ତ୍ରର ମୂଲ୍ୟକୁ ହୃଦୟଙ୍ଗମ କରିପାରିଲୁ ନାହିଁ । ସେତେବେଳେ ମହାତ୍ମାଗାନ୍ଧୀଙ୍କ ସହିତ ଯେଉଁ ବୁଦ୍ଧିଜୀବୀମାନେ ସଂସଦୀୟ ଗଣତନ୍ତ୍ର ସମ୍ବନ୍ଧରେ ସତର୍କ କରିଥିଲେ, ତାହାକୁ ଆମେ ଅବହେଳା କଲୁ । ଆମର ଜନସାଧାରଣ ଗଣତନ୍ତ୍ର ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଗଲା ନାହିଁ । ତା'ର ଫଳ ଆଜି ଆମେ ଭୋଗ କରୁଛୁ । ନିର୍ବାଚନରେ ସମସ୍ତେ ଅଂଶଗ୍ରହଣ କରୁନାହାନ୍ତି । ଶତକଡ଼ା ଶହେ ଭାଗ ଭୋଟ ପ୍ରଦାନ ହୋଇପାରୁ ନାହିଁ । ବିଶେଷକରି ବୁଦ୍ଧିଜୀବୀ ଓ ସଜ୍ଜନ ବ୍ୟକ୍ତିମାନେ ନିର୍ବାଚନରେ ଅଂଶଗ୍ରହଣ କରୁନାହାନ୍ତି । ରାଜନୈତିକ ଦଳର ନେତୃବୃନ୍ଦମାନେ ନିର୍ବାଚନ ସମୟରେ ଭୋଟ କିଣାବିକା କରି ନିର୍ବାଚନ ବୈତରଣୀ ପାର ହେଉଛନ୍ତି । ଭ୍ରଷ୍ଟାଚାର ଚରମ ଶିଖରରେ । କେବଳ ସେତିକି ନୁହେଁ ଦେଶରେ ଏବେ ମଧ୍ୟ ହିନ୍ଦୁ-ମୁସଲମାନ, ସବର୍ଣ୍ଣ-ଅସବର୍ଣ୍ଣ, ଭାଷା ପ୍ରାନ୍ତକୁ ନେଇ ବିଭେଦତା ବୃଦ୍ଧି ପାଇବାରେ ଲାଗିଛି । ଏଣୁ ସାଧାରଣ ଜନତାଙ୍କ ପ୍ରଶିକ୍ଷଣ ଓ ସଜ୍ଜନ ଶକ୍ତିର ଜାଗରଣ ହିଁ ଏକମାତ୍ର ମାର୍ଗ । ଫଳରେ ଗଣତନ୍ତ୍ରର ସୁଫଳ ମିଳିବ ।

*ଆଡ଼ଭୋକେଟ, ଖଟବିନ ସାହି, କଟକ, ମୋ-୯୪୩୭୦୧୬୩୮୪*




# ସରକାରଙ୍କ ନିକଟରେ ୯ ଦଫା ଦାବି ପ୍ରଦାନ କଲା ସିକ୍ୟୁରିଟି ଆଣ୍ଡ ମ୍ୟାନପାୱାର ସଂଘ

ଭୁବନେଶ୍ୱର,(ପି.ଏନ): ବ୍ୟବସାୟିକ ପ୍ରତିଷ୍ଠାନ ହେଉ ଅବା ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସୁରକ୍ଷା ଯୋଗାଇବାରେ ହଉ ବା ସରକାରୀ ସଂସ୍ଥା ମାନଙ୍କରେ ନୈଦିନ କାମ ପାଇଁ ଆଉଟ୍ସୋର୍ସ ବେସିସରେ ସିକ୍ୟୁରିଟି ଏଜେନ୍ସୀଗୁଡ଼ିକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଛନ୍ତି । ଖାଲି ସୁରକ୍ଷା ନୁହେଁ ବରଂ ଲକ୍ଷ ଲକ୍ଷ ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବି ସୃଷ୍ଟି କରୁଛନ୍ତି । ତେବେ ସରକାରୀସ୍ତରରେ ଅନେକ ଅବହେଳା ଯୋଗୁଁ ସିକ୍ୟୁରିଟି ଏବଂ ମ୍ୟାନପାୱାର ଏଜେନ୍ସୀଗୁଡ଼ିକ ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ମାନସ ଚୌଧୁରୀ ,ମହେଶ୍ୱର ମହାନ୍ତି,ମନୋଜ ପତ୍ର ଓ ପ୍ରଦିପ୍ତ ରଥ ଓ ମନୋରଞ୍ଜନ ସୁନ୍ଦରା ଉପସ୍ଥିତ ଥିଲେ । ସରକାରଙ୍କ ନିକଟରେ ୯ ଦଫା ଦାବି ଉପସ୍ଥାପନ କରିଛନ୍ତି ।

୧. ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ସର୍ବନିମ୍ନ ମଜୁରୀ ବ୍ୟବସ୍ଥାର ଅନୁପାଳନ କରନ୍ତୁ
( କେତେକ ସରକାରୀ ସଂସ୍ଥା ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଠାରୁ ବି କମ ମଜୁରୀ ଦେଉଛନ୍ତି । ଟେଣ୍ଡର ବି ମିନିମମ୍ ୱେଜଠାରୁ କମରେ ହେଉଛି । ତେଣୁ ସରକାର ସର୍ବନିମ୍ନ ମଜୁରୀ ନିୟମ ପାଳନ କରନ୍ତୁ। )

୨. ବିଲ ଦେବାର ୭ ଦିନ ମଧ୍ୟରେ ପେମେଂଟ ପ୍ରଦାନ କରାଯାଉ
( ଆମେ ଯେଉଁଦିନ ବିଲ ଦେଉଛୁ ତାହାର ୭ ଦିନ ମଧ୍ୟରେ ପେମେଂଟ ମିଳିବା ଦରକାର । ଅନେକ ସମୟରେ ସରକାରୀ ସଂସ୍ଥା ଠାରୁ ପେମେଂଟ ମିଳିବା ବେଳକୁ ତିନି ମାସ ହୋଇଯାଉଛି । ତେଣୁ ଯେଉଁମାନଙ୍କୁ ଆମେ କାମରେ ଲଗାଉଛୁ ସେମାନଙ୍କୁ ଠିକ ସମୟରେ ପେମେଂଟ ଦେବାରେ ସମସ୍ୟା ହେଉଛି)

୩. ବିଭାଗଗୁଡ଼ିକ ପ୍ରତି ମାସର ୨ ତାରିଖରେ ହିଁ ୱାର୍କ ସାର୍ଟିଫିକେଟ ପ୍ରଦାନ କରନ୍ତୁ
(ଯେଉଁ ଯେଉଁ ବିଭାଗରେ ଆମର ପିଲାମାନେ କାମ କରୁଛନ୍ତି, ସେମାନେ କେତେଦିନ କାମ କଲେ, କେତେଦିନ ଛୁଟି ନେଲେ ତାହାର ୱାର୍କ ସାର୍ଟିଫିକେଟ ତୁରନ୍ତ ଦେବା ଦରକାର । ଯାହାଫଳରେ ଆମେ ସେଇ ଅନୁସାରେ ବିଲ କରିପାରିବୁ । କିନ୍ତୁ କେତେକ ସଂସ୍ଥା ୱାର୍କ ସାର୍ଟିଫିକେଟ ଦେବାବେଳକୁ ଦୁଇମାସ ଲଗାଇ ଦେଉଛନ୍ତି । ଏମିତି ହେଲେ ଆମେ ଇପିଏଫ, ଇଏସଆଇ, ଜିଏସଟି କେମିତି ଦେବୁ ? ଆମେ ଯଦି ଇପିଏଫ, ଇଏସଆଇ ଆଉ ଜିଏସଟି ଠିକ ସମୟରେ ନଦେବୁ ଆମକୁ ପେନାଲଟି ଦେବାକୁ ପଡୁଛି )

୪. ସର୍ଭିସ ଚ୍ଚାର୍ଜ ସର୍ବନିମ୍ନ ୧୦% କରାଯାଉ ଟେଣ୍ଡର ରେ ସର୍ଭିସ ଚ୍ଚାର୍ଜ କୌଣସି ନିର୍ଦ୍ଧାରିତ ପରସେଣ୍ଟେଜ( %) ଧାର୍ଯ୍ୟ ନଥିବାରୁ ବଡ ବଡ ବାହାର ସଂସ୍ଥା କେବଳ କାମ ପାଇବା ପାଇଁ ୦% ପ୍ରୋଫିଟ ରେ ଟେଣ୍ଡର ଭରୁଛନ୍ତି ଓ ପରବର୍ତ୍ତୀ ସମୟରେ ପିଲାଙ୍କ ଦରମା ନଦେଇ, ଇପିଏଫ, ଇ ଏସ ଆଇ, ଜିଏସଟି ନ ଭରି ଓଡିଶା ଛାଡି ଚାଲିଯିବାର ମଧ୍ୟ ନଜର କୁ ଆସୁଛି, କିନ୍ତୁ ସେହି ପରିପ୍ରେକ୍ଷୀରେ ରେ ଓଡିଶା ର ଛୋଟ ଛୋଟ ସଂସ୍ଥା ମଧ୍ୟ ୦% ସର୍ଭିସ ଚ୍ଚାର୍ଜ ରେ ଟେଣ୍ଡର ପକାଉଛନ୍ତି, କିନ୍ତୁ ଯେତେବେଳେ ସରକାରୀ ସଂସ୍ଥା ପେମେଣ୍ଟ ଦିଅନ୍ତି ସେଥିରୁ ଟ୍ଡଉଽ ୨% କାଟି ପେମେଣ୍ଟ ଦିଅନ୍ତି, ଯାହାଦ୍ୱାରା ଟେଣ୍ଡର ପାଇଥିବା ସଂସ୍ଥା କୁ କ୍ଷତି ସହିବାକୁ ପଡିଥାଏ, ତେଣୁ ଆମେ ଦାବି କରୁଛୁ କି ୧୦% ସର୍ଭିସ ଚ୍ଚାର୍ଜ କରାଯାଉ, ଯେଉଁଥିରେ କୌଣସି ସଂସ୍ଥା କୁ କ୍ଷତି ସହିବାକୁ ପଡିବନି ।

୫. ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଆଧାରରେ ବର୍ଦ୍ଧିତ ମଜୁରୀ ପ୍ରଦାନ କରାଯାଉ
( ପ୍ରତି ଛଅ ମାସରେ ଥରେ ସରକାରୀ ମଜୁରୀ (ଠଡଇ)ବଢୁଛି । ଏପଟେ ସରକାର ଆମକୁ କହୁଛନ୍ତି ସରକାରୀ ମଜୁରୀ ଆଧାରରେ ପେମେଂଟ କର । କିନ୍ତୁ ସେପଟେ ବର୍ଦ୍ଧିତ ଦରମା କୁ ସରକାରୀ ସଂସ୍ଥା ମାନିବାକୁ ରାଜି ନାହାଁନ୍ତି ଆମକୁ କହୁଛନ୍ତି ଟେଣ୍ଡର ରେଟ ଏହା ଅଛି । ତେଣୁ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଆଧାରରେ ବର୍ଦ୍ଧିତ ମଜୁରୀ ଦେବା ଦରକାର ।)

୬. ଟର୍ଣ୍ଣ ଓଭର ମାନଦଣ୍ଡ ସିପିଡବ୍ଲ୍ୟୁଡ଼ି ଓ ଓପିଡବ୍ଲ୍ୟୁଡ଼ି ଗାଇଡ଼ଲାଇନ ଆଧାରରେ ହେଉ (କିଛି ଯାଗାରେ ବାହାର କମ୍ପାନୀଙ୍କୁ କାମ ଦେବା ପାଇଁ ମନଇଚ୍ଛା ଟର୍ଣ୍ଣଓଭର ଫିକ୍ସ କରାଯାଉଛି । ଯେଉଁଥିରେ ଟେଣ୍ଡର ଭଲ୍ୟୁମ ର ୧% ରଗଉ ଓ ୫% ଟର୍ଣ୍ଣଓଭର ଥିବା ଦରକାର ସେ ଯାଗାରେ ସେମାନେ ଟର୍ଣ୍ଣଓଭର ୮୦/୯୦/୧୦୦ କୋଟି ମାଗୁଛନ୍ତି । ଫଳରେ ଓଡ଼ିଶାର କମ୍ପାନୀମାନେ ଟେଣ୍ଡର ପକାଇ ପାରୁନାହାନ୍ତି । ସିପିଡବ୍ଲ୍ୟୁଡ଼ି ଓ ଓପିଡବ୍ଲ୍ୟୁଡ଼ି ଆଧାରରେ କରାଯିବା ଦରକାର ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ୱୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ
ରହିଛି। ମୋଟୋର ଗ୍ରେଡ଼ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ
ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୂତ ହୋଇଛି। ଲକ୍ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍ର ନିଶାନର ଗ୍ଲୋବାଲ ଏସ୍ୟୁଭି ଡିଏନ୍ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତ୍ତା ସହ ପ୍ରିମିୟମନେସ୍କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍ରେ ଉପଲବ୍ଧ ହେଉଛି। ଏହି କାର୍ରେ ସବୁଠାରୁ ପତଳା ହେଡ୍ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍ସ (ଡିଆର୍ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍ଚର ଡବଲ ଡେକ୍ କନ୍ସୋଲ ଏହି କାର୍କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଥକ୍ତଙ୍କକ୍ଷପ୍ସ;ଯେଉଁ ଫେସନ୍ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,
ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତ୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଥକ୍ଷପ୍ସ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)
ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍ନୋ ପେ କୋଇ ଲକ୍ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍ନୋ ପେ କୋଇ ଲକ୍ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ
ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱାର୍କ ଓ ଆବଥକ୍ଷପ୍ସ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱାର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍ସଡ ମିଟରିଂ
ଇନଫ୍ରାଷ୍ଟ୍ରକଚର (ଏଏମ୍ଆଇ), ଏସ୍ସିଏଡିଏ ଏବଂ ଇଥକ୍ଷପ୍ସ;ରନେଟ ଅଫ୍ ଥିଙ୍ଗ୍ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## କେନ୍ଦ୍ରାପଡାରେ ବୃତ୍ତିଚୟନ କାର୍ଯ୍ୟକ୍ରମ

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଜିଲ୍ଲା ନିୟୋଜନ ଅଧିକାରୀ ଘନଶ୍ୟାମ ସାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବୃତ୍ତିଚୟନ କାର୍ଯ୍ୟକ୍ରମ ୫ଟି ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ହାଇସ୍କୁଲ, ତ୍ରିଲୋଚନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କପାଳେଶ୍ୱର ଉଚ୍ଚ ବିଦ୍ୟାଳୟ, ବି.ବି. ଉଚ୍ଚବିଦ୍ୟାଳୟ ଏବଂ ଗୋଗୁଆ ଉଚ୍ଚବିଦ୍ୟାଳୟରେ ଏହି ବୃତ୍ତିଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମୁଦାୟ ୨୦୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।




# ସର୍ବ ସୁଖ-ଧାମ ରାମ ଓ ରାମପ୍ରାଣ ହନୁମାନ



**ଗୋ**ସ୍ୱାମୀ ତୁଳସୀ ଦାସଙ୍କ ରାମ ଚରିତ ମାନସ ହିନ୍ଦୀ ସାହିତ୍ୟର ଉଜ୍ଜ୍ୱଳ ରତ୍ନ। ଶ୍ରୀରାମଙ୍କ ଚରିତଗ୍ରନ୍ଥ ଭାବରେ ଏହାର ଲୋକପ୍ରିୟତା ମଧ୍ୟ ପ୍ରଚୁର। କବି ଭୂଷଣ ସ୍ୱପ୍ନେଶ୍ୱର ଦାଶ ଏହାର ସରଳ ଓଡ଼ିଆ ପଦ୍ୟାନୁବାଦ କରିଛନ୍ତି। ତାହାର 'ବାଳକାଣ୍ଡ'ରେ ବର୍ଣ୍ଣିତ ହୋଇଛି 'ରାମଜନ୍ମ ଓ ବାଳଲୀଳା' ପ୍ରସଙ୍ଗ। ସେଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ନାମକରଣ ସଂପର୍କରେ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା ଅଛି। ବଶିଷ୍ଠମୁନିଙ୍କ ପରାମର୍ଶରେ ଅଯୋଧ୍ୟାର ରାଜା ଦଶରଥ ଋଷ୍ୟଶୃଙ୍ଗ ଋଷିଙ୍କୁ ଅଣାଇ ଏକ ପୁତ୍ରେଷ୍ଟି ଯଜ୍ଞ କରିଥିଲେ ଏବଂ ସେହି ଯଜ୍ଞର ଚରୁ ସେବନ କରି ତାଙ୍କର ତିନି ରାଣୀଙ୍କ ଗର୍ଭରୁ ଚାରି ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ତାହା ସମଗ୍ର ଅଯୋଧ୍ୟାବାସୀଙ୍କୁ ଆନନ୍ଦିତ କରିଥିଲା। ତୁଳସୀ ରାମାୟଣର ବର୍ଣ୍ଣନା ଅନୁସାରେ ମଧୁ ମାସ (ଚୈତ୍ର) ଶୁକ୍ଳପକ୍ଷ ନବମୀ, ଅଭିଜିତ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ ଶ୍ରୀରାମ। ତାଙ୍କର ଜନ୍ମ ସମୟ ଥିଲା ମଧ୍ୟାହ୍ନ। ସେତେବେଳେ ପ୍ରବଳ ଶୀତ ବା ପ୍ରଚଣ୍ଡ ଖରା ନଥିଲା। ମୃଦୁ ସୁଶୀତଳ ମଳୟ ପବନ ବହୁଥିଲା। ଜନ୍ମ ପରେ ଶ୍ରୀରାମ ଚତୁର୍ଭୁଜ ରୂପରେ ଆବିର୍ଭୂତ ହୋଇଥିଲେ। ମାତା କୌଶଲ୍ୟା ହାତ ଯୋଡ଼ି ତାଙ୍କୁ ସ୍ତୁତି ମଧ୍ୟ କରିଥିଲେ। କିନ୍ତୁ ତାପରେ ମାତା ତାଙ୍କୁ ଅନୁରୋଧ କରିଥିଲେ 'ଏ ରୂପ ଛାଡ଼ି ବାଲ୍ୟଲୀଳା କଲେ ମୋର ଅପାର ସୁଖ ଜାତ ହେବ।' ତାହା ଶୁଣି ମାୟାଧର ବିଷ୍ଣୁ ନିଜର ସେହି ରୂପ ଛାଡ଼ି ବାଲ୍ୟରୂପ ଧାରଣ କରିଥିଲେ। ତାହାପରେ ବଶିଷ୍ଠ ମୁନି ରାମ ଓ ଅନ୍ୟ ତିନିଭାଇଙ୍କର ନାମକରଣ କରିଥିଲେ। ସେହି ନାମକରଣ ସମୟରେ ସେ କହିଥିଲେ ପାଟରାଣୀ କୌଶଲ୍ୟାଙ୍କର ଏ ପୁତ୍ର ଆନନ୍ଦ-ସରିତ-ପତି ବା ଆନନ୍ଦର ସମୁଦ୍ର। ଏହାଙ୍କର କୃପା ରୂପକ ଜଳକଣାରେ ତ୍ରିଲୋକବାସୀ ସୁଖୀ ହେବେ। ଏହାଙ୍କର ନାମ ଅଖିଳ ବିଶ୍ୱର ଲୋକଙ୍କୁ ଆରାମ ଦେବ ଏବଂ ତାଙ୍କର ସର୍ବ ସୁଖର ଧାମ ହେବ। ଏଣୁ ଏହାଙ୍କର ନାମ 'ରାମ'।



ସେହିପରି ଅନ୍ୟ ତିନିପୁତ୍ରଙ୍କ ମଧ୍ୟରୁ କୈକେୟୀଙ୍କ ପୁତ୍ରର ନାମକରଣ କରି ସେ କହିଥିଲେ - ଏ ପୁତ୍ର ବିଶ୍ୱର ଭରଣପୋଷଣ କରିବ। ଏଣୁ ଏହାଙ୍କର ନାମ 'ଭରତ'। ଶେଷରେ କନିଷ୍ଠା ରାଣୀ ସୁମିତ୍ରାଙ୍କର ଦୁଇ ଯାଆଁଳା ପୁତ୍ରଙ୍କ ମଧ୍ୟରୁ ପ୍ରଥମର ନାମକରଣ କରି ସେ କହିଥିଲେ- ଏହାଙ୍କର ନାମ ସ୍ମରଣ ମାତ୍ରେ ଶତ୍ରୁକୁଳ ନାଶ ହେବ। ଏଣୁ ଏହାଙ୍କର ନାମ 'ଶତ୍ରୁଘ୍ନ'। ଶେଷରେ ସୁମିତ୍ରାଙ୍କର ଅନ୍ୟ ପୁତ୍ରର ନାମକରଣ କରି ସେ କହିଥିଲେ, ରାମପ୍ରିୟ ଏ ପୁତ୍ର ଜଗତ ଅଧାରଭୂତ ସର୍ବସୁଲକ୍ଷଣ ସଂପନ୍ନ ହେବ ଏଣୁ ଏହାଙ୍କର ନାମ ଲକ୍ଷ୍ମଣ। ଏହିପରି ଭାବରେ ବଶିଷ୍ଠ ମୁନି ଦଶରଥଙ୍କର ଚାରିପୁତ୍ରଙ୍କ ନାମକରଣ, ସେମାନଙ୍କର ଗୁଣ ଅନୁରୂପେ କରିଥିଲେ। ଶ୍ରୀମଦ୍ଭାଗବତ ମହାପୁରାଣ (୧୧/୧୬/୨୯)ରେ ସ୍ୱୟଂ ପରମପୁରୁଷ ଭଗବାନ ନିଜକୁ କିମ୍ପୁରୁଷମାନଙ୍କ ମଧ୍ୟରେ ହନୁମାନ ବୋଲି ଘୋଷଣା କରିଛନ୍ତି - 'ବାୟୁଦେବୋ ଭଗବତାଂ ତ୍ୱଂ ତୁ ଭାଗବତେଷ୍ୱହମ୍। କିମ୍ପୁରୁଷାଣାଂ ହନୁମାନ ବିଦ୍ୟାଧ୍ରାଣାଂ ସୁଦର୍ଶନଃ।।' ଅର୍ଥାତ୍ ମୁଁ ଷଡ଼ୈଶ୍ୱର୍ଯ୍ୟଶାଳିଙ୍କ ମଧ୍ୟରେ ବାସୁଦେବ, ପ୍ରେମୀ ଭକ୍ତଙ୍କ ମଧ୍ୟରେ ଉଦ୍ଧବ, ପୁରୁଷେତରମାନଙ୍କ ମଧ୍ୟରେ ହନୁମାନ ଓ ବିଦ୍ୟାଧର ମାନଙ୍କ ମଧ୍ୟରେ ନନ୍ଦଙ୍କ ଚରଣସ୍ପର୍ଶକାରୀ ସୁଦର୍ଶନ। ଏଥିରୁ ଭଗବାନ ଓ ହନୁମାନ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ। ଭକ୍ତ ଓ ଭଗବାନଙ୍କର ଏକତ୍ୱ ସତ୍ତ୍ୱେ ସେମାନଙ୍କର ଦ୍ୱୈତ ଲୀଳା ଅତିବ ହୃଦୟଗ୍ରାହୀ, ଶିକ୍ଷଣୀୟ। ଆନନ୍ଦରାମାୟଣ ଉଲ୍ଲେଖ ଅଛି - 'ଯତ୍ର ଯତ୍ର ରଘୁନାଥକୀର୍ତ୍ତନଂ ତତ୍ର ତତ୍ର କୃତମସ୍ତକାଞ୍ଜଳିମ୍। ବାଷ୍ପବାରିପରି ପୂର୍ଣ୍ଣଲୋଚନଂ ମାରୁତିଂ ନମତ ରାକ୍ଷସାନ୍ତକମ୍।।' ବାଲ୍ମୀକି ରାମାୟଣ (୭/୪୦/୨୩)ରେ ରାମଚନ୍ଦ୍ରଙ୍କ ପ୍ରଶଂସାବାଣୀ ଅତୀବ ଭାବାତ୍ମକ। ଯଥା 'ଏକୈକସ୍ୟୋପକାରସ୍ୟ ପ୍ରାଣାନ୍ ଦାସ୍ୟାମି ତେ କପେ। ଶେଷସ୍ୟେହୋପକାରାଣାଂ ଭବାମ ଋଣିନୋ ବୟମ୍।' ଅର୍ଥାତ୍ ହେ କପି ହନୁମାନ! ତୁମେ ଯେତେ ସବୁ ଉପକାର କରିଛ ସେଥିମଧ୍ୟରୁ ଗୋଟିଏ ଗୋଟିଏ ପାଇଁ ପ୍ରତ୍ୟୁପକାରରେ ମୁଁ ପ୍ରାଣ ସମର୍ପଣ କରିପାରିବି। ମାତ୍ର ତା ପରେ ବି ତୁମ ଉପକାରର ଶେଷ ନଥିବାରୁ ମୁଁ ଚିରକାଳ ଋଣୀ ରହିଯିବି। ଅସରନ୍ତି ଏହି ରାମ ହନୁମାନ କଥାବସ୍ତୁ। ସମର୍ଥ ଭଗବାନ ଓ ସମ୍ପନ୍ନ ଭକ୍ତ ଭାବରେ ଯୁଗେ ଯୁଗେ ପୁରୁଷୋତ୍ତମ ଶ୍ରୀରାମ ଏବଂ ଭକ୍ତରାଜ ଶ୍ରୀହନୁମାନ ଚିରନମସ୍ୟ।

**ତ୍ରିନାଥ ଓଝା,** ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ: ୯୨୩୮୬୦୨୮୨୫

# ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଶ୍ୱନାଟ୍ୟ ଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ବିଶ୍ୱ ନାଟ୍ୟ ଦିବସ ଅବସରରେ ସାମାଜରେ କିଭଳି କଳା ସଂସ୍କୃତି ବଞ୍ଚି ରହିବ ବାର୍ତ୍ତାବହକ କ୍ଷୁଦ୍ର ନାଟକ "ଜରୁରୀ" ମଞ୍ଚସ୍ଥ ହୋଇଯାଇଛି। ଅନ୍ୱେଷଣ ଥିଏଟର ଗ୍ରୁପ ସବୁବେଳେ ସବୁ ସମୟରେ ସମାଜକୁ ଶିକ୍ଷା ଦେଲାଭଳି କଳାକାରମାନଙ୍କ ଦ୍ୱାରା ନାଟକ ଲୋକ ମାନଙ୍କ ଆଦୃତ ହୋଇ ଆସୁଅଛି। ଅନ୍ୱେଷଣ ସବୁବେଳେ ଯାଜପୁର ନୁହେଁ ସାରା ଓଡ଼ିଶାର ତାହାର କଳାକାରମାନେ ନାଟକ ମାଧ୍ୟମରେ ବିକଶିତ କରିଆସୁଅଛନ୍ତି। ଗତ ମାସ ୨୭ ତାରିଖ ରବିବାର ଅନୁଷ୍ଠାନର କଳାମାନେ ଯାଜପୁରର ସର୍ବପୁରାତନ ବାରୁଣୀ ଘାଟ ଠାରେ ଏକତ୍ରିତ ହୋଇ ଛୋଟ ଛୋଟ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରିବା ସହ ପବିତ୍ର ବାରୁଣୀ ଘାଟକୁ ସଫେଇ କରିଥିଲେ। ତାହାପରେ କଳାକାରମାନେ ସୁ-ସଜ୍ଜିତ ହୋଇ କଳା ସଂସ୍କୃତି କିଭଳି ବଂଚି ରହିବ ତାହା ଉପରେ ଆଧାରିତ କ୍ଷୁଦ୍ର ନାଟକ 'ଜରୁରୀ' ପରିବେଷଣ କରାଯାଇଥିଲା। ଏହି ନାଟକଟି ଯାଜପୁରର ଦର୍ଶକଙ୍କ ଖୁବ୍ ମନୋମୁଗ୍ଧକର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତିଭୂଷଣ ମିଶ୍ର, ଯାଜପୁର ଥାନାର ଆଇଆଇସି ଅଜୟ କୁମାର ଜେନା, ଯାଜପୁର ଉପକାରାଗାରର ଜେଲର ପ୍ରସନ୍ନ କୁମାର ସାହୁ, ସମାଜ ସେବୀ ରବିନ୍ଦ୍ର କୁମାର ପରିଡ଼ା ଯୋଗଦେଇ ଅନୁଷ୍ଠାନ ଏହିପରି ନିଆରା କାର୍ଯ୍ୟକ୍ରମକୁ ଭୁୟସି ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶନ୍ନ କୁମାର ବିଶ୍ୱାଳ, ଉପ-ସଭାପତି ଉପେନ୍ଦ୍ର କୁମାର ଯେନା, ମିଡିଆ ସେଲ୍ ଅଧ୍ୟକ୍ଷ ସୁରେଶ କୁମାର କର, ମୃତ୍ୟୁଞ୍ଜୟ ସାହୁ, ସେକ୍ ସାଜିଦ୍ (ଋନ୍ଦ ବାବୁ), ଆଦିକନ୍ଦ ପଣ୍ଡା, ଗୌତମ ବିକାଶ ମହାନ୍ତି, ଗୋପାଳ ଚନ୍ଦ୍ର ବେହେରା, ଭରତ ଚନ୍ଦ୍ର ହେହେରା, ରତିକାନ୍ତ ସାହୁ, ଧନଞ୍ଜୟ ନାୟକ, ସୁରଜ ପଣ୍ଡା, ମୁକୁନ୍ଦ ନାୟକ, ଅଚ୍ୟୁତାନନ୍ଦ ସ୍ୱାଇଁ, ଜିତେନ୍ଦ୍ର ସାହୁ, ବିଜୟ ମହାରଣା, କାହ୍ନୁ ଚରଣ ପତି (ସଂଗୀତଜ୍ଞ), ସନ୍ତୋଷ କୁମାର ରାଉତ, ଇଚ୍ଛାମୟୀ ଧଳ, ମମତାରାଣୀ ଯେନା, ସ୍ୱାତୀ ପଣ୍ଡା, ସାଗରିକା ପରିଡ଼ା, ମାମାଲି ସାହୁ, ପଲ୍ଲବି ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଋଳନା କରିବା ସହ ଆଗାମୀ ଦିନରେ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଇବା ପାଇଁ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ନାଟ୍ୟ ଦିବସରେ ଶପଥ ନେଇଥିଲେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

# ଜିଲ୍ଲାସ୍ତରୀୟ ଏକଦିବସୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ତାଲିମ କର୍ମଶାଳା

ବାଲେଶ୍ୱର (ପିଏନ୍)-ଗ୍ରୀଷ୍ମର ପ୍ରକୋପ ଏବେ ଧୀରେ ଧୀରେ ବଢି ଚାଲିଥିବା ବେଳେ ଗ୍ରୀଷ୍ମପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହାୟତାରେ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ତାଲିମ୍ ଗ୍ରହଣ କରିଥିଲେ । ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରା ଠାରୁ ଯଦି କୌଣସି ଦିନ ୪.୫ ରୁ ୬ଡିଗ୍ରୀ ଅଧିକ ତାପମାତ୍ରା



ରୁହେ କିମ୍ବା ୪୫ ଡିଗ୍ରୀ ସେଲସିୟସ୍ ଉପରେ ତାପମାତ୍ରା ରୁହେ, ତେବେ ଆମେ ତାହାକୁ ଗ୍ରୀଷ୍ମ ପ୍ରବାହ ବୋଲି କହିଥାଉ । ଗ୍ରୀଷ୍ମ ପ୍ରବାହ ଯୋଗୁଁ ମନୁଷ୍ୟ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ସହିତ ଗୃହପାଳିତ ପଶୁ ଏବଂ ଚାଷବାସ ଉପରେ ମଧ୍ୟ ଏହାର କୁପ୍ରଭାବ ପଡିଥାଏ । ଅଂଶୁଘାତରେ ଜୀବନହାନୀ ମଧ୍ୟ ହୋଇଥାଏ । ତେଣୁ ଏହାର ସଠିକ୍ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷାପାଇବାର ଉପାୟ ସମ୍ପର୍କରେ ଏହି କର୍ମଶାଳାରେ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା । ବୈଠକରେ ଉପସ୍ଥିତ ତହସିଲଦାର, ବିଡିଓ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସମଗ୍ର ଜିଲ୍ଲାରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଗ୍ରୀଷ୍ମପ୍ରବାହ ମୁକାବିଲା ସମ୍ପର୍କରେ ସୂଚନା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଓସଡାମା'ର "ସତର୍କ" ଆପ୍ ସମ୍ବନ୍ଧରେ କିଭଳି ଅଧିକରୁ ଅଧିକ ଲୋକ ଜାଣିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ସହ ସାମାଜିକ ଗଣମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଏହି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ଅଂଚଳରେ ବଂଟନ ହେବାକୁ ପେନସନ୍ ଓ ଭିନ୍ନକ୍ଷମ ସହାୟକ ଉପକରଣ ପାଇଁ ସମୟ ସାରଣୀରେ ପରିବର୍ତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳାଭାବ ଉପରେ ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ପାନୀୟ ଜଳ ସମସ୍ୟା ପାଇଁ ଜାରି କରାଯାଇଥିବା ହେଲ୍ପ ଲାଇନ୍ ନମ୍ବର – ୧୯୧୬ ସମ୍ପର୍କରେ ଜିଲ୍ଲାର ସମସ୍ତ ଅଂଚଳର ଲୋକ ଓ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନେ ଜାଣିପାରିବେ ସେ ନେଇ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବେ । ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ଜାଗାରେ ବଡମୁହଁ ଥିବା ପାତ୍ର କିମ୍ବା ସେଭଳି ଆକୃତିର ଅନ୍ୟ କୌଣସି ପାତ୍ରରେ ପାନୀୟଜଳ ରଖାଯିବା ବ୍ୟବସ୍ଥା କରାଯିବ । ଅଂଶୁଘାତ ରୋଗୀଙ୍କ ଆଶୁ ଚିକିତ୍ସା ପାଇଁ ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ଓ ଅଂଶୁଘାତରେ ମୃତ୍ୟୁ କ୍ଷେତ୍ରରେ ମିଳିତ ତଦନ୍ତ ରିପୋର୍ଟ ନିଶ୍ଚିତ ଭାବେ ସମୟସୀମା ମଧ୍ୟରେ ଦାଖଲ ହେବ । ବିଦ୍ୟାଳୟମାନଙ୍କର ପାଣିଟାଙ୍କିକୁ ସଫା କରାଯିବା ସହିତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଓଆରଏସ ପ୍ୟାକେଟ୍ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଶ୍ରେଣୀ ସମୟ ପରିବର୍ତନ ସହିତ କୋଭିଡ୍ ଟିକାକରଣ ସମୟକୁ ମଧ୍ୟ ପରିବର୍ତନ କରିବାକୁ ଏଥିରେ କୁହାଯାଇଥିଲା । ଗ୍ରୀଷ୍ମ ଋତୁରେ କୌଣସିପ୍ରକାର ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ପ୍ରସ୍ତୁତ ରହିବେ । ଜିଲ୍ଲାର ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ରେକର୍ଡ ରୁମରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବାରୁ ସେଠାରେ ଯେପରି କୌଣସି କାରଣବଶତଃ ନିଆଁ ନ ଲାଗେ ସେଥିପ୍ରତି ସତର୍କ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏପରିକି ଅଗ୍ନିଶମ ବିଭାଗ ଦ୍ୱାରା ନିଜ ନିଜ କାର୍ଯ୍ୟାଳୟରେ ଆଗୁଆ ଅଗ୍ନି ସୁରକ୍ଷା ଅଡିଟ୍ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ କହିଥିଲେ । ବାଲେଶ୍ୱର ସହର ମଧ୍ୟରେ ପ୍ରଚଣ୍ଡ ଖରାରେ ଟ୍ରାଫିକ୍ ପୋଲିସ୍ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସେମାନଙ୍କୁ ଛତା ଯୋଗାଇଦେବା ସହିତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ କୁହାଯାଇଥିଲା । ବାଟୋଇ ଓ ଯାତ୍ରୀମାନଙ୍କର ତୃଷା ନିବାରଣ ନିମନ୍ତେ ପାନୀୟ ଜଳ ସେବା କେନ୍ଦ୍ର ସ୍ଥାପନ ହେବାକୁ ଥିବା ବେଳେ ଆବଶ୍ୟକତା ଅନୁଯାୟୀ ଏହା ସ୍ଥାପନ କରିବା ଏବଂ ଏହାର ସୁପରିଚାଳନା ସହିତ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଦିନ ୧୧ଟାରୁ ୩ଟା ମଧ୍ୟରେ ଶ୍ରମିକମାନଙ୍କୁ ପ୍ରଚଣ୍ଡ ଖରାରେ କାମ କରିବା ପାଇଁ ବାରଣ କରାଯିବ । ଅଂଶୁଘାତରୁ ରକ୍ଷା ପାଇଁ କଣ କରିବା ଏବଂ କଣ ନ କରିବା ସେ ସମ୍ପର୍କରେ ଅଧିକାରୀମାନଙ୍କୁ ବିଶେଷ ଭାବେ ଏହି ତାଲିମ ଶିବିରରେ ବୁଝାଯାଇଥିଲା ଏବଂ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା । ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ ଜନିତ ସମସ୍ୟା ଏବଂ ଯାତ୍ରୀ ପରିବହନ ପାଇଁ ସମୟ ନିର୍ଦ୍ଧାରଣ ସମ୍ପର୍କରେ ମଧ୍ୟ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା । ତାଲିମ୍ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀକାନ୍ତ ଭୂୟାଁ ପ୍ରୋଜେକ୍ଟର ମାଧ୍ୟମରେ ଗ୍ରୀଷ୍ମପ୍ରବାହ ଓ ଏହାର ପ୍ରଭାବ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ୍ ଗ୍ରୀଷ୍ମପ୍ରବାହ ମୁକାବିଲା ଆକ୍ସନ ପ୍ଲାନ୍ ଉପରେ ଆଲୋକପାତ କରିଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏପିଡେମୋଲୋଜିଷ୍ଟ ଡା. ଅରୂପ ଦାସ ଗ୍ରୀଷ୍ମ ପ୍ରବାହ ଜନିତ ମାନସିକ ଓ ଶାରୀରିକ ଚାପ ପରିଚାଳନା ଉପରେ ତଥ୍ୟଭିତିକ ରିପୋର୍ଟ ଉପସ୍ଥାପନ ସହ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ । ୟୁନିସେଫ ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଡ. ପଦ୍ମଜ ପାଳଙ୍କ ଉପନ୍ୟାସ 'ବି. ରାଓ୍ୱତ୍ ରିପୋର୍ଟ' ଲୋକାର୍ପିତ, ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ 'ପଦ୍ମଜ କଥା ସମ୍ମାନ'

ଖୋର୍ଦ୍ଧା (ପିଏନ୍): ଯଶସ୍ୱୀ କଥାକାର ତଥା ଔପନ୍ୟାସିକ ଡ. ପଦ୍ମଜ ପାଳଙ୍କ ୭୬ ତମ ଜନ୍ମଦିନ ଅବସରରେ 'ବି. ରାଓ୍ୱତ୍ ରିପୋର୍ଟ' ନାମକ ଉପନ୍ୟାସ ଉନ୍ମୋଚିତ ହୋଇଯାଇଛି। ଚର୍ଯ୍ୟାୟୁଧ ପକ୍ଷରୁ ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସମେତ ଗାଳ୍ପିକ ଡ. ସୁରେଶ ଛୋଟରାୟ, ଡ. ନଟବର ସାହୁ, ଅଣୁଗଳ୍ପର ସ୍ରଷ୍ଟା ସୁନୀଲ ବୋଷ, ଜ୍ଞାନରଂଜନ ଦାଶ, ଆଶିଷ ରାୟ, ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଡ. ପାଳଙ୍କ ସଦ୍ୟପ୍ରକାଶିତ ଉପନ୍ୟାସର ସଫଳତା କାମନା କରିବା ତାଙ୍କର କାଳଜୟୀ ସୃଷ୍ଟି ଓ ଜୀବନଦର୍ଶନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁବ ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ ଥର ପାଇଁ 'ପଦ୍ମଜ କଥା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର, ଉପଢୌକନ ସହ ୧୦ହଜାର ଅର୍ଥରାଶି ତାଂକୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ 'ଚର୍ଯ୍ୟାୟୁଧ'ର ସମ୍ପାଦିକା ସବିତା ପାଳ ସୂଚନା ଦେଇଥିଲେ ଯେ, ପ୍ରତିବର୍ଷ ଡ. ପାଳଙ୍କ ଜନ୍ମଦିନ ଅବସରରେ ଏହି ସମ୍ମାନ ଜଣେ ନିଷ୍ଠାବାନ ସାହିତ୍ୟିକଙ୍କୁ ପ୍ରଦାନ କରାଯିବ। ଡ. କୈଳାସ ଚନ୍ଦ୍ର ମହାରଣା ଓ ଗାଳ୍ପିକ ତପନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ପ୍ରତ୍ୟେକ ମଣିଷକୁ ଭଲ ପାଇବା ଓ ଜୀବନକୁ ବୁଝିବା ହେଉଛି ସାହିତ୍ୟିକର ଧର୍ମ। ଶେଷରେ କବୟିତ୍ରୀ ପ୍ରିୟଦର୍ଶିନୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ପଖାଳ ଦିବସ

ଖୋର୍ଦ୍ଧା (ପିଏନ୍): ପଖାଳ ହେଉଛି ଓଡ଼ିଆ ଅସ୍ମିତାର ପରିଚାୟକ। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। କରୋନା ସମୟରେ ପଖାଳର ରୋଗପ୍ରତିରୋଧକ ଶକ୍ତି ସଂପର୍କରେ ଚର୍ଚ୍ଚା ହୋଇଥିଲା ବୋଲି ପଖାଳ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପରିସରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ସୁଜିତ୍ କୁମାର ବିଷୋୟୀ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସଂପାଦକ ସୁଧୀର କୁମାର ମାନସିଂହ ଓ ମହିଳା ଜାଗରଣ ସଂଗଠିକା ରଶ୍ମୀରେଖା ମହାପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପଖାଳ ଭୋଗ ହେବାର ବ୍ୟବସ୍ଥା ରହିଛି। ଓଡ଼ିଆ ପଖାଳ ଖାଇ ପୁରୀ, କୋଣାର୍କ ମନ୍ଦିର ଗଢିଛି। ପଖାଳ ଏବେ ବିଶ୍ୱସ୍ତରରେ ପରିଚିତ ହେଉଛି। ସଭା ପରେ ପଖାଳ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ସମେତ ଆଇନ ମହାବିଦ୍ୟାଳୟର ଅନ୍ତେବାସିନୀ ଛାତ୍ରୀମାନଙ୍କୁ ଦହି ପଖାଳ, ଭଜା, ଶାଗ, ପାମ୍ପଡ଼, ଶୁଖୁଆ, ଖଟା ଆଦି ପରିବେଷଣ କରାଯାଇଥିଲା। ପଖାଳ ଖାଇବା ପାଇଁ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ମହାବିଦ୍ୟାଳୟ ହଷ୍ଟେଲରୁ ୪୦ଟି ବେଲା ଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ତାରାପ୍ରସାଦ ବଡ଼ଜେନା, ସୁପ୍ରିୟା ବେହେରା, ଉର୍ମିଳା ପରିଡ଼ା, ଜ୍ୟୋତିରଂଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସୁପ୍ରିମକୋର୍ଟରୁ ସିସୋଦିଆଙ୍କୁ ମିଳିଲାନି ଆଶ୍ୱସ୍ତି, ଏବେ ହାଇକୋର୍ଟ ଭରସା

ନୂଆଦିଲ୍ଲୀ, (ପି.ଏନ): ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଗିରଫ ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ(ବର୍ତ୍ତମାନ ଇସ୍ତଫା ଦେଇ ସାରିଛନ୍ତି) ମନୀଷ ସିସୋଦିଆଙ୍କୁ ଝଟକା ଲାଗିଛି। ସେ ସିବିଆଇର ଗିରଫଦାରୀକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହେଲେ ସୁପ୍ରିମକୋର୍ଟ ତାଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ଦେଇନାହାନ୍ତି। ଏଥିସହ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିବାକୁ ତାଙ୍କୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ସିସୋଦିଆଙ୍କ ଓକିଲ ଅଭିଷେକ ମନୁ ସିଙ୍ଘଭୀ ଆଜି କୋର୍ଟରେ ଗିରଫଦାରୀକୁ ବେଆଇନ ଓ ସିବିଆଇ ଚାର୍ଜଶିଟରେ ସିସୋଦିଆଙ୍କ ନାଁ ନାହିଁ ବୋଲି କହିଥିଲେ। ଏଥିସହ ସିବିଆଇ ତାଙ୍କ ଘରେ ରେଡ୍ ? କରିଥିଲେ ମଧ୍ୟ କୌଣସି ପ୍ରକାରର ଆୟବର୍ହିଭୂତ ନଗଦ ଟଙ୍କା ମଧ୍ୟ ପାଇନି। ତଦନ୍ତରେ ସେ ସହଯୋଗ କରୁ ନାହାନ୍ତି ବୋଲି ସିବିଆଇ କହିବା ଏକ ଦୁର୍ବଳ ଯୁକ୍ତି ବୋଲି ସିଙ୍ଘଭୀ



କହିଥିଲେ।ଏହାର ଜବାବରେ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ କହିଥିଲେ, "ଆପଣ ହାଇକୋର୍ଟ ଯାଆନ୍ତୁ। ଆମର ଦ୍ୱାର ଖୋଲା ରହିଛି। କିନ୍ତୁ ଆମେ ବର୍ତ୍ତମାନ ସମୟରେ ଏପରି ଆବେଦନ ଶୁଣାଣି କରିପାରିବୁ ନାହିଁ।" ଏହା ଏକ ଖରାପ ପରମ୍ପରା। ଅପଣ ଦିଲ୍ଲୀରେ ଅଛନ୍ତି ବୋଲି ଏପରି କରିପାରିବେ ନାହିଁ ବୋଲି ଜଷ୍ଟିସ ପିଏସ ନରସୀମା କହିଛନ୍ତି। ସିବିଆଇ ଦ୍ୱାରା ସିସୋଦିଆଙ୍କ ଗିରଫଦାରୀକୁ ବେଆଇନ ଦର୍ଶାଇବାକୁ ସିଙ୍ଘଭୀ କହୁଥିବା ବେଳେ ଏହାର ଜବାବରେ ଜଷ୍ଟିସ ନରସୀମା ଏପରି କହିଛନ୍ତି।ଆଜି ସକାଳେ ଯେତେବେଳେ ସୁପ୍ରିମକୋର୍ଟରେ ସିସୋଦିଆଙ୍କ ଆବେଦନ ସିଙ୍ଘଭୀ ଉପସ୍ଥାପନ କରିଥିଲେ ସେତେବେଳେ ସାମ୍ବାଦିକ ବିନୋଦ ଦୁଆଙ୍କ ମାମଲାର ରାୟ କଥା ଉଠାଇଥିଲେ। ଉକ୍ତ ରାୟକୁ ଆଧାର କରି ସିସୋଦିଆଙ୍କୁ ଆଶ୍ୱସ୍ତି ଦେବାକୁ ସେ କହିଥିଲେ। ଏହାପରେ ସୁପ୍ରିମକୋର୍ଟ ଆବେଦନର ଶୁଣାଣି ଅପରାହ୍ନକୁ ଘୁଞ୍ଚାଇ ଦେଇଥିଲେ।

## ଦୃଷ୍ଟିହୀନ ଛାତ୍ରଙ୍କୁ ଶିକ୍ଷା ପାଇଁ ଶିକ୍ଷାକେନ୍ଦ୍ରକୁ ନେଲେ ବ୍ଲକ ଶିକ୍ଷାଧିକାରୀ

ମାଲକାନଗିରି, (ପି.ଏନ): ପୁଣି ମହାନତା ଦେଖାଇଲେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ। ପରିବାରର ଖରାପ ଆର୍ଥିକ ସ୍ଥିତି ଯୋଗୁ ପାଠ ପଢ଼ାରୁ ବଂଚିତ ହୋଇଥିବା ଜଣେ ଦୃଷ୍ଟିହୀନ ବାଳକକୁ ନେଇ ସ୍ୱତନ୍ତ୍ର ଦିବ୍ୟାଙ୍ଗ ସ୍କୁଲରେ ନାମ ଲେଖାଇଲେ।ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ସ୍ୱାଭିମାନ ଅଂଚଳ ପଣସ ପୁଟ ପଂଚାୟତ ମୁକୁଡି ପାଲି ଗ୍ରାମରେ ରାଜେଶ ଶିସା ନାମକ ଜଣେ (୧୦)ବର୍ଷର ପିଲା ଜନ୍ମରୁ ଦୃଷ୍ଟିହୀନ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ସେ ଉକ୍ତ ଦୃଷ୍ଟିହୀନ ପିଲା ଘରକୁ ଯାଇ ତାର ପିତା ପୂର୍ଣ୍ଣ ଶିସା, ମାତା ଘସୁ ଶିସାକୁ ରାଜେଶ ଦୃଷ୍ଟିହୀନ ହୋଇଥିବାରୁ ଘରେ ସବୁ ବେଳେ ବସିରହୁଛି ତେଣୁ ପରିବାର ଲୋକଙ୍କ ସହିତ ଆଲୋଚନା କରି ତାର ପାଠ ପଢ଼ା ପାଇଁ ସମସ୍ତ ବ୍ୟବସ୍ଥା କରିବେ ବୋଲି ବୁଝେଇ ଥିଲେ। ତାପରେ ରାଜେଶ ଓ ତାଙ୍କ ପିତାଙ୍କୁ ଧରି ମାଥିଲି ବ୍ଲକ ନାୟକଗୁଡା ଠାରେ ଥିବା ସ୍ୱତନ୍ତ୍ର ଦିବ୍ୟାଙ୍ଗ ସ୍କୁଲରେ ଆଣି ଛାଡିଥିଲେ। ସ୍କୁଲରେ ଛାଡିଲା ପରେ ରାଜେଶ ଅନ୍ୟ ପିଲାମାନଙ୍କ ସହିତ ମିଶି ଖୁସି ଅନୁଭବ କରିଥିଲା। ସେଠାରେ ସହକାରୀ ଶିକ୍ଷାଧିକାରୀ ଅଞ୍ଜନ ଚୌଧୁରୀ ଓ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ ଏଭଳି ସେବା ମନୋଭାବକୁ ଦେଖି ଅଂଚଳବାସୀ ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀଙ୍କ ଉଚ୍ଚ ପ୍ରଶଂସା କରିଥିଲେ।

# ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ କଲା ବାଲିଗୁଡ଼ା ପୋଲିସ

କନ୍ଧମାଳ, (ପି.ଏନ): ୬ ଜଣିଆ ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ବାଲିଗୁଡ଼ା ପୋଲିସ୍ । ଏନେଇ ବାଲିଗୁଡ଼ା ଏସଡିପିଓ ରୋହିତ ବର୍ମା ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ନଗଦ ଏକଲକ୍ଷ ଟଙ୍କା, ଗୋଟିଏ ଦେଶୀ ପିସ୍ତଲ୍, ଗୋଟିଏ ଛୁରୀ, ଦୁଇଟି ମୋବାଇଲ୍ ସମେତ ଗୋଟିଏ ଚୋରି ମୋଟରସାଇକେଲ ଅଭିଯୁକ୍ତଙ୍କ ନିକଟରୁ ଜବତ କରିଛି ପୋଲିସ୍ । ପୂର୍ବରୁ ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ୍ ଅଜୟ ଦିଗାଲକୁ ପୋଲିସ୍ ଗିରଫ କରିଥିବା ବେଳେ ଆଉ ଦୁଇ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ପୋଲିସ୍ । ବର୍ତ୍ତମାନ ସୁଦ୍ଧା ତିନି ଜଣ ଗିରଫ ହୋଇଥିବା ବେଳେ ଗ୍ୟାଙ୍ଗର ଆଉ ତିନି ଜଣଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି ପୋଲିସ ।ବାଲିଗୁଡା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ କାର୍ଜ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ମିଳିଥିବା ସୂଚନା ପ୍ରକାରେ, ଗତ ୨୦୨୨ ମସିହା ନଭେମ୍ବର ମାସରେ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ଜଲେଶପଟ୍ଟା ନିକଟସ୍ଥ ମା'ବରାଳଦେବୀ ପେଟ୍ରୋଲ ପମ୍ପର ମ୍ୟାନେଜର ଟଙ୍କା ଜମା କରିବାକୁ ବ୍ୟାଙ୍କକୁ ଯିବା ସମୟରେ ତୁମୁଡ଼ିବନ୍ଧ କଲେଜ ନିକଟରୁ ୫ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା । ଏହାପରେ ଚଳିତ ବର୍ଷ ଜାନୁଆରୀ ୨୯ ତାରିଖରେ ପୁଣିଥରେ ବିଳମ୍ବିତ ରାତିରେ ଜଲେଶପଟ୍ଟା ସ୍ଥିତ ସେହି ପେଟ୍ରୋଲ ପମ୍ପରେ ଦୁର୍ବୃତ ମାନେ ପହଁଚି କର୍ମଚାରୀଙ୍କୁ ମାଡ଼ ମାରି ଭଙ୍ଗାରୁଜା କରିବା ସହ କିଛି ଟଙ୍କା ସମେତ ଏକ ମୋଟରସାଇକେଲ ଲୁଟି ନେଇଥିଲେ । ଏହାପରେ ଫେବୃଆରୀ ୮ତାରିଖ ସନ୍ଧ୍ୟା ସମୟରେ ବାଲିଗୁଡ଼ା ଥାନା ଗଦ୍ରଙ୍ଗିଆ ଘାଟିରେ ରାସ୍ତାରେ କାଠ ଓ ପଥର ପକାଇ ଏକ ଟ୍ରକ୍ ଅଟକାଇ ଟ୍ରକ୍ ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଡ୍ରାଇଭର ଓ ଟ୍ରକରେ ଆସୁଥିବା ଜଣେ ଶିକ୍ଷକଙ୍କୁ ମାଡ଼ ମାରି ସେମାନଙ୍କ ନିକଟରୁ ୨୬ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ । ସମସ୍ତ ଘଟଣାକୁ ଗୁରୁତର ସହ ଗ୍ରହଣ କରି ବାଲିଗୁଡ଼ା ଥାନା ଅଧିକାରୀ ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ତଦନ୍ତ ଜାରି ରଖିଥିଲା ସ୍ୱତନ୍ତ୍ର ଟିମ୍ । ଡକାୟତି ଗ୍ୟାଙ୍ଗ୍ କୁ ଧରିବା ପାଇଁ ଜାଲ ବିଛାଇଥିଲା ପୋଲିସ୍ । ଫଳ ସ୍ୱରୂପ ପୂର୍ବରୁ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବର୍ତମାନ ପୁଣି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ପୋଲିସ୍ । ଗିରଫ ଦୁଇ ଯୁବକ ତୁମୁଡ଼ିବନ୍ଧ ଥାନା ଅଂଚଳର ରିଚାର୍ଡ ନାୟକ, ପ୍ରିୟ ମଣ୍ଡଳ ହୋଇଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

# ଶ୍ରୀ ଶ୍ରୀ ଭଗବତ ସ୍ୱାମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ଅନ୍ତର୍ଗତ ପଟ୍ଟାବାବୁଲି ଗ୍ରାମରେ ଶ୍ରୀ ଶ୍ରୀ ଭଗବତ ସ୍ୱାମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୨୩ ତାରିଖ ଠାରୁ ଆରମ୍ଭ ହୋଇଯାଇଅଛି। ଏହି ପ୍ରତିଷ୍ଠା ଉତ୍ସବ ମାର୍ଚ୍ଚ ୧ ତାରିଖ ତାରିଖ ଯାଏଁ ଅନୁଷ୍ଠିତ ହେବ। ୧୭ ଦିନ ଧରି ହେଉଥିବା ଶ୍ରୀ ଭଗବତ ସ୍ୱାମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରଥମ ଦିନରେ ଗ୍ରାମର ସମସ୍ତ ମହିଳାମାନେ କଳସ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ସମସ୍ତ ମହିଳା ଗ୍ରାମ ପରିଭ୍ରମଣ କରି ଶେଷରେ କଳସ ମନ୍ଦିର, ନାମ ସ୍ଥଳୀ ଓ ଯଜ୍ଞ ସ୍ଥଳୀରେ ସମସ୍ତ କଳସ ସ୍ଥାପନା କରିଥିଲେ। ପ୍ରଥମ ଦିନରେ ନାମ ଦୀକ୍ଷା ଗ୍ରହଣ ଓ ଜଳଯାତ୍ରା କାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଦିନରେ ବ୍ରାହ୍ମଣ ବରଣ, ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ, ଗୋ ଯଜ୍ଞ, ତୃତୀୟ ଦିନରେ ଶାଳା ପୂଜା, ରତ୍ନମୁଦ୍ରା, ନାମ ଯଜ୍ଞ, ଚତୁର୍ଥ ଦିନରେ ସୂର୍ଯ୍ୟ ପୂଜା, ଶାଳା ପୂଜା, ହୋମ ଆଦି କର୍ମ ଅନୁଷ୍ଠିତ ହୋଇଯାଇଛି। ପଂଚମ ଦିବସରେ ସୂର୍ଯ୍ୟ ପୂଜା, ଶାଳା ପୂଜା, ହୋମ ଆଦିକର୍ମ ଅନୁଷ୍ଠିତ ହୋଇଛି। ଆଜି ଷଷ୍ଠ ଦିବସରେ ଦେବତାଧିବାସ, ସ୍ନାନ, ପ୍ରାଣ ପ୍ରତିଷ୍ଠା ଓ ସପ୍ତମ ଦିନରେ ଦେବତା ପ୍ରତିଷ୍ଠା, ଅନ୍ନ ଯଜ୍ଞ, ନାମ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଆସନ୍ତା କାଲି ଅନ୍ତିମ ଦିବସରେ ସମସ୍ତ ଭକ୍ତବୃନ୍ଦ ଉପସ୍ଥିତ ରହି ଶ୍ରୀ ଶ୍ରୀ ଭଗବତ ସ୍ୱାମୀଙ୍କ ଆଶ୍ରିବାଦ ପାଇବା ସହିତ ଅନ୍ନ ପ୍ରସାଦ ପାଇବା ପାଇଁ ପଟ୍ଟାବାବୁଲିର କମିଟି ସମେତ ଗ୍ରାମବାସୀ ଅନୁରୋଧ କରିଛନ୍ତି।ଏହି ମନ୍ଦିର ସବୁ ଠାରୁ ବିଳର କାରଣ ଏହି ମନ୍ଦିର ସବୁ ସ୍ଥାନରେ ଦେଖିବାକୁ ମିଳେନାହିଁ। ଭାଗବତ ଟୁଙ୍ଗି କିଛି ସ୍ଥାନରେ ଆଜି ମଧ୍ୟ ବିଦ୍ୟାମାନ। ଏହି ଟୁଙ୍ଗିରେ ସନ୍ଧ୍ୟା ସମୟରେ ଭାଗବତ ପଠନ କରାଯାଇଥାଏ। ସମସ୍ତ ବୟସ୍କ ଲୋକ ଏହି ସ୍ଥାନରେ ଏକତ୍ରିତ ହୋଇ ଭାଗବତ ଗାନ କରନ୍ତି ଓ ଭଗବାନଙ୍କ ଉପରେ ବିଭିନ୍ନ କଥା ଶୁଣନ୍ତି। ଏହି ଉତ୍ସବରେ ଆଖପାଖର ବହୁ ଭକ୍ତ ଯୋଗ ଦେଇଥିଲେ। ଏହି ପରିପେକ୍ଷୀରେ ବିଭିନ୍ନ ଖେଳ ଓ ମୀନ ବଜାର ଦେଖିବାକୁ ମିଳିଛି। ଜନସାଧାରଣ ମଜା ଉଠେଇବା ସହ ଭଗବାନଙ୍କ କୃପା ମଧ୍ୟ ଲାଭ କରିଛନ୍ତି।

## ପୃଷ୍ଟିହୀନତା ଶିଶୁ ମାନଙ୍କ ନିମନ୍ତେ ସ୍କ୍ରିନିଙ୍ଗ କ୍ୟାମ୍ପ ଅନୁଷ୍ଠିତ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡପଡା ପଂଚାୟତ ସଦର ମହକୁମାରେ ଚିତ୍ରକୋଣ୍ଡା ସମନ୍ୱିତ ଶିଶୁ ବିକାଶ ସେବା ସମୂହ ଓ ଆତ୍ମଶକ୍ତୀ ଟ୍ରଷ୍ଟ ର ମିଳିତ ଉଦ୍ୟମରେ ବଡପଡା ଅଙ୍ଗନବାଡ଼ି କେନ୍ଦ୍ରଠାରେ ଅତିଶୟ ପୃଷ୍ଟିହୀନତା ଓ ମଧ୍ୟମ ଧରଣର ପୃଷ୍ଟିହୀନତା ଶିଶୁ ମାନଙ୍କ ନିମନ୍ତେ ଏକ ସ୍କ୍ରିନିଙ୍ଗ କ୍ୟାମ୍ପ ଆଜି ଆୟୋଜନ କରାଯାଇଥିଲା । ଉକ୍ତ କ୍ୟାମ୍ପରେ ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଚିତ୍ରକୋଣ୍ଡା ଅର୍ଣ୍ଣପୂର୍ଣ୍ଣା ମାଡାମଙ୍କ ଅଧକ୍ଷତାରେ ବଡପଡା ପଂଚାୟତର ବଡପଡା, ମୁଡାମ୍ବ ଓ ସିନ୍ଧିପୁଟ ଗ୍ରାମର ପ୍ରାୟ ଶତାଧିକ ମହିଳାଙ୍କ ସମେତ ତାଙ୍କ ଶିଶୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପସ୍ଥିତ ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜରଙ୍କ ଦ୍ୱାରା ଶତାଧିକ ଶିଶୁଙ୍କ ଓଜନ ମାପ ସହ ଉଚ୍ଚତା ମାପ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବଡପଡା ପଂଚାୟତ ଅଙ୍ଗନବାଡ଼ି କର୍ମଚାରୀଙ୍କ ମଧ୍ୟରୁ ଗୌରୀ ତାଙ୍ଗୁଲ, ତାପସି ସାହା, ସାବିତ୍ରୀ ଖିଲ, ବତି ହନ୍ତାଳ, ଦିବ୍ୟତାରା ଖରା, ମନବତୀ ହନ୍ତାଳଙ୍କ ସହ ଅଙ୍ଗନବାଡ଼ି ସୁପରଭାଇଜର ରଞ୍ଜିତା ପୂଜାରୀ, ଭାନୁମତି ଭତ୍ରା, ଆଦି ଲକ୍ଷ୍ମୀ, ଚମ୍ପା ନାୟକ ଓ ଗାଙ୍ଗି ଶ୍ରୀଗମ ପ୍ରମୁଖ ଯୋଗଦେବା ସହ ଆତ୍ମଶକ୍ତୀ ଟ୍ରଷ୍ଟ ଦ୍ୱାରା ଅନୁପ୍ରେରୀତ ଶ୍ରମଜୀବି ସଂଗଠନ ତରଫରୁ ମଦନ ହନ୍ତାଳ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ସ୍ଥାୟୀ ଚାକିରି ଏବଂ ଦରମା ବୃଦ୍ଧି ଦାବୀ କରି ଆପ୍ ର ବିରୋଧ ପ୍ରଦର୍ଶନ

ପୁରୀ, (ପି.ଏନ): ଆମ୍ ଆଦମୀ ପାର୍ଟି ପୁରୀ ଜିଲ୍ଲା ତରଫରୁ ଆଜି ପୁରୀ ଟାଉନ ହଲ ନିକଟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଛି । ମିଶନ ଶକ୍ତିରେ ସହାୟକ ଷ୍ଟାଫ ଭାବରେ କାମ କରୁଥିବା ଏମବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର ଏବଂ ବ୍ୟାଙ୍କମିତ୍ର ମାନେ ଦୀର୍ଘ ଦଶବର୍ଷ ଧରି କାମ କରୁଥିବା ବେଳେ ସେମାନଙ୍କୁ ସ୍ଥାୟୀ କରିବା ଓ ତାଙ୍କର ଦରମା ବୃଦ୍ଧି ନ ହେବା ଅତି କ୍ଷୋଭର ବିଷୟ ଏବଂ ତୁରନ୍ତ ଏହି ଦାବୀକୁ ଆପଣଙ୍କ ସରକାର ଗ୍ରହଣ କରୁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପୁରୀ ଜିଲ୍ଲାପାଳଙ୍କ ଦ୍ୱାରା ଦିଆଯାଇଛି। ପ୍ରତ୍ୟକ ପଂଚାୟତରେ କାର୍ଯ୍ୟରତ ଏହି କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ଅଧିକରୁ ଅଧିକ ଦାୟିତ୍ୱ ଦେବା ବେଳେ ସେମାନଙ୍କର ଚାକିରୀକୁ ସ୍ଥାୟୀ ନ କରିବା ଏବଂ ଦରମା ବୃଦ୍ଧି କରାନଯିବା ସରକାରଙ୍କର କର୍ମଚାରୀ ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ଜିଲ୍ଲା ଆବାହକ ସଞ୍ଜୀବ ମହାନ୍ତି କହିଛନ୍ତି। ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ନେଇ ବିଜୁ ଜନତା ଦଳ ଦ୍ୱାରା ପ୍ରସ୍ତୁତ କରାଯାଇଥିବା "ଅଲ ଓଡିଶା ଜିପିଏଲଏଫ ମିଶନ ଶକ୍ତି କର୍ମୀ ସାମୁଖ୍ୟ" ମଧ୍ୟଏହି ଦାବୀ ପୂରଣ ପାଇଁ ଫେବୃଆରି ୨୦ ତାରିଖରେ ରାଜରାସ୍ତାକୁ ଓହ୍ଲାଇଥିଲା । ଏମବିକେ, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର, ବ୍ୟାଙ୍କମିତ୍ର ଏବଂ ଏଲଏସପିର ଏହି ଆନ୍ଦୋଳନରେ ଓଡ଼ିଶାରେ ବିଭିନ୍ନ ଅଂଚଳରୁ କର୍ମକର୍ତା ଯୋଗ ଦେଇଥିଲେ । ସୁବାସ ସିଂହ ଏବଂ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶରେ ଏ ପ୍ରକାର ଆନ୍ଦୋଳନ ହୋଇଥିଲେ ମଧ୍ୟ ସରକାର ମିଶନ ଶକ୍ତି ସପୋର୍ଟ ଷ୍ଟାଫଙ୍କର ନାର୍ଯ୍ୟ ଦାବୀକୁ ଗ୍ରହଣ କରୁନାହାନ୍ତି ବୋଲି ଜିଲ୍ଲା ମହିଳା ସଭାନେତ୍ରୀ ତପସ୍ୱିନୀ ଜଗଦେବ କହିଛନ୍ତି । ମିଶନ ଶକ୍ତିର ସମସ୍ତ ସପୋର୍ଟ ଷ୍ଟାଫଙ୍କୁ ସ୍ଥାୟୀ କରାଯାଉ ବୋଲି ଆମ୍ ଆଦମୀ ପାର୍ଟି ଦାବି କରିଛି ଏବଂ ସେମାନଙ୍କର ପାରିଶ୍ରମିକ ବୃଦ୍ଧି କରାଯାଉ । ଆଗାମୀ ଦିନରେ ଏ ଦାବୀ ପୂରଣ ପାଇଁ ଆମ୍ ଆଦମୀ ପାର୍ଟି ମିଶନ ଶକ୍ତି ର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କର ସମସ୍ତ ପ୍ରକାର ସହଯୋଗ କରିବ ଏବଂ ଆନ୍ଦୋଳନକୁ ଅଧିକ ତୀବ୍ରତର କରିବ ବୋଲି ଯୁବ ସଭାପତି ଅଂଶୁମାନ ଶତପଥୀ କହିଛନ୍ତି ।ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆବାହକ ସଞ୍ଜୀବ ମହାନ୍ତି, ଜିଲ୍ଲା ସୋସିଆଲ ମିଡ଼ିଆ ଅଧକ୍ଷ ସମୀର ସାମନ୍ତରାୟ, ଜିଲ୍ଲା ମୁଖ୍ୟ ପ୍ରବକ୍ତା ଅନିଲ କୁମାର ସେନାପତି, ଜିଲ୍ଲା ଲିଗାଲ ସେଲ ଅଧକ୍ଷ ବଶିଷ୍ଠ ରଥ, ପ୍ରକାଶ ପ୍ରଧାନ, ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଜିଲ୍ଲା ଯୁବ ସମ୍ପାଦକ ସୁନିଲ ଜେନା, ସୁଧାଂଶୁ ଶେଖର, ପାର୍ବତୀ ପ୍ରଧାନ, ତପସ୍ୱିନୀ ଜଗଦେବ, ଚିନ୍ମୟୀ ରଥ, ଯୁଧିଷ୍ଠିର ବାରିକ୍, ଶ୍ୟାମଳେନ୍ଦୁ ପ୍ରଧାନ, ଯୁଲୁକର୍ ଅଲି, ଅଜିତ ବାରିକ୍, ଉମା ଦେବୀ, ଜନ୍ମେଜୟ ଜେନା, ବିଭୁତି ମାଳିଆ, ବିରଜା ନାଥ, ରବୀନ୍ଦ୍ର ନାଥ ସାହୁ, କାର୍ତିକ ପରିଡା, ନରେନ୍ଦ୍ର ମୁଦୁଲି ପ୍ରମୁଖ ଜିଲ୍ଲା ସଦସ୍ୟ ଉପସ୍ଥିତ ଥିଲେ ।

# ମାଲକାନଗିରି ପ୍ରସିଦ୍ଧ ବଡ଼ଯାତ୍ରା ଆରମ୍ଭ

ମାଲକାନଗିରି, (ପି.ଏନ):ପ୍ରତି ଦୁଇ ବର୍ଷରେ ଥରେ ପାଳନ ହେଉଥିବା ମାଲକାନଗିରି ଜିଲ୍ଲାର ପ୍ରସିଦ୍ଧ ଗଣପର୍ବ ବଡ଼ଯାତ୍ରା ଆରମ୍ଭ ହୋଇଥିବା ବେଳେ ସୋମବାରରେ ଆନ୍ଧ୍ରର ତାଡକାରେଉ ଜଙ୍ଗଲ ଗର୍ତରେ ଥିବା ଜଳକୁଣ୍ଡରେ ତିନି ଠାକୁର କାନ୍ନାମରାଜୁ, ପୋତରାଜୁ ଓ ବାଲରାଜୁ ସ୍ନାନ କରିଛନ୍ତି । ଏହି ମୁହୂର୍ତକୁ ଦର୍ଶନ କରିବାକୁ ଦୂର ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି । ତେବେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଏଠାରେ ସମାଗମ ହୋଇଥିବା ଅନୁମାନ କରାଯାଇଛି। ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ଓ ଓଡିଶା ଦଣ୍ଡକାରଣ୍ୟ ଅଂଚଳର ପ୍ରସିଦ୍ଧ ଓ ପୁରାତନ ଏହି ବଡ଼ ଯାତ୍ରା ପାଇଁ ମାନ୍ୟମକୋଣ୍ଡା ସମେତ ସମଗ୍ର ଜିଲ୍ଲା ଚଳଚଂଚଳ ହୋଇ ଉଠିଛି । ଆଦିବାସୀ ସଂସ୍କୃତି ଓ ପରମ୍ପରା ନୀତି ନିୟମରେ ଅନୁଷ୍ଠିତ ଏହି ଯାତ୍ରା ଏକ ମାସ ବ୍ୟାପୀ ପାଳନ କରାଯାଇଥାଏ । ପାଟପୂଜାରୀ ମାନେ ବିମାନ ଓ ଅନେକ ବାଉଁଶ ଲାଠି ସମେତ ଜିଲ୍ଲା ସଦରରୁ ମାନ୍ୟମକୋଣ୍ଡା ପର୍ଯ୍ୟନ୍ତ ପଦଯାତ୍ରାରେ ପହଂଚି ଥିଲେ । ଗତ ରବିବାର ଦିନ ମାନ୍ୟମକୋଣ୍ଡା ପର୍ବତ କୋଳରୁ ତିନି ଠାକୁର ଉକ୍ତ ବିମାନରେ ସମାବେଶ ହୋଇ ସ୍ନାନ କରିବାକୁ ସୀମାନ୍ତ ଆନ୍ଧ୍ରର ପୋଲୁର ଅଭିମୁଖେ ଯାତ୍ରା କରିଥିଲେ । ଯିବା ବାଟରେ ଓଡ଼ିଶା ପୋଲୁର ଠାରେ ପହଂଚି ରାତ୍ରି ରହଣି କରିଥିଲେ । ସୋମବାର ସକାଳେ ଓଡ଼ିଶା ଓ ଆନ୍ଧ୍ର ପୋଲୁର ମଝିରେ ଥିବା ସିଲେରୁ ନଦୀରେ ନୌକା ବିହାର କରି ଆନ୍ଧ୍ର ପୋଲୁର ନିକଟସ୍ଥ ତାଡକାରେଉ ଜଙ୍ଗଲ ଗର୍ତରେ ପହଂଚି ଥିଲେ । ଏବଂ ସେଠାରେ ଥିବା ଜଳ କୁଣ୍ଡରେ ଠାକୁର ସ୍ନାନ ସାରି ସେଦିନ ସନ୍ଧ୍ୟାରେ ମାନ୍ୟମକୋଣ୍ଡାକୁ ଫେରିଛନ୍ତି । ମଙ୍ଗଳବାର ଦିନ ମାନ୍ୟମକୋଣ୍ଡାରେ ଆଡମ୍ବର ସହିତ ପୂଜାର୍ଚ୍ଚନା ପଶୁ ପକ୍ଷୀ ବଳି ସମେତ ପ୍ରଥମ ଅନ୍ନଭୋଗ ଅର୍ପଣ କରାଯାଇଛି । ବୁଧବାର ଦିନ ମାନ୍ୟମକୋଣ୍ଡରୁ ମାଲକାନଗିରି ଅଭିମୁଖେ ତିନି ଠାକୁର ସମେତ ଦେବୀ ମୁତ୍ୟାଲୁଆମା ଗମନ କରିବେ ବୋଲି ଜଣାପଡିଛି । ଗୁବଲେର ନଦୀ କୂଳ ଏବଂ କାଲିମେଳା ବଦୁ ଗୁଡାରେ ପୂଜା ପରେ ବୁଧବାର ରାତ୍ରିରେ କାଲିମେଳା ପୂଜା ସ୍ଥଳରେ ଠାକୁର ରହଣି କରିବେ । ଗୁରୁବାର ସକାଳେ କାଲିମେଳା ଠାରେ ପୂଜା ଅନୁଷ୍ଠିତ ହେବ । ଏପରି ୯୦ କିମି ଦୂର ପାଦଯାତ୍ରା କଲା ପରେ ମାଲକାନଗିରି ସଦର ସ୍ଥିତ ମାଣ୍ଡିଆଭଟ୍ଟା ଏବଂ ମାଉଳିମା ମନ୍ଦିରରେ ଶେଷ ପୂଜା ଅନୁଷ୍ଠିତ କରାଯିବ । ଜିଲ୍ଲା ସଦର ମହକୁମାରେ ପହଂଚିବା ପର୍ଯ୍ୟନ୍ତ ବିଭିନ୍ନ ପୂଜା ମଣ୍ଡପ ସମେତ ଟାଙ୍କେ ଚଲା ପଥରେ ପୂଜାର୍ଚ୍ଚନା ସହିତ ବ୍ୟାପକ ପଶୁପକ୍ଷୀ ବଳି ଦିଆଯିବ । ଅର୍ଥାତ୍ ପ୍ରତି ପାଦରେ ପୂଜାର୍ଚ୍ଚନା, ବଳି ପୂଜା କହିଲେ ଅତ୍ୟୁକ୍ତି ହେବ ନାହିଁ ।ଏହି ବଡ଼ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବାକୁ ଆଜି ମାନ୍ୟମକୋଣ୍ଡା ଅଂଚଳରେ ପ୍ରଶାସନିକ ଅଧିକାରୀ ସମେତ ବିଭିନ୍ନ ବିଭାଗର କର୍ମଚାରୀ ବୃନ୍ଦ, ପୁଲିସ, ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ, ମାନ୍ୟମକୋଣ୍ଡା ବଡ଼ ଯାତ୍ରା କମିଟିର କର୍ମକର୍ତା ପ୍ରାମୁଖ ଉପସ୍ଥିତ ରହିଥିଲେ ।

# ଗିରଫ ପରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ସିସୋଦିଆ ଓ ଜୈନ

ନୂଆଦିଲ୍ଲୀ, (ପି.ଏନ): କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ସରକାରର ଦୁଇ ମନ୍ତ୍ରୀ ମନୀଷ ସିସୋଦିଆ ଓ ସତ୍ୟେନ୍ଦ୍ର ଜୈନ ଆଜି ନିଜ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସିସୋଦିଆର ଦିଲ୍ଲୀର ଉପ ମୁଖ୍ୟମନ୍ତ୍ରୀ ସମେତ ଏକାଧିକ ବିଭାଗର ଦାୟିତ୍ୱରେ ଥିଲେ। ସେହିପରି ଜୈନ ସ୍ୱାସ୍ଥ୍ୟ ମନ୍ତ୍ରୀ ପଦରେ ରହିଥିଲେ। ଉଭୟ ଆଜି ନିଜର ଇସ୍ତଫାପତ୍ର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହାକୁ ମଧ୍ୟ କେଜ୍ରିୱାଲ ଗ୍ରହଣ କରି ନେଇଛନ୍ତି। ତେଣୁ ଖୁବଶୀଘ୍ର ଦିଲ୍ଲୀ କ୍ୟାବିନେଟ ସଂପ୍ରସାରଣ ହେବାର ଚର୍ଚ୍ଚା ଆରମ୍ଭ ହୋଇଛି।ଶ୍ରୀ ଜୈନ ୧୦ ମାସ ହେଲା ଜେଲରେ ଅଛନ୍ତି। ସେହିପରି



ସିସୋଦିଆଙ୍କୁ ରବିବାର ସିବିଆଇ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ କରିଥିଲା। ସିସୋଦିଆ ଉପ ମୁଖ୍ୟମନ୍ତ୍ରୀ ପଦ ସହ ୧୮ଟି ବିଭାଗର ଦାୟିତ୍ୱରେ ରହିଥିଲେ। ଏପରି କି ଜୈନ ଗିରଫ ହେବା ଦିନ ଠାରୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ସେ ତୁଲାଉଥିଲେ। ହେଲେ ଏବେ ଉଭୟ ନିଜ ନିଜ ପଦ ଛାଡିଛନ୍ତି।




ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Thursday March 02, 2023 ଭୁବନେଶ୍ୱର ଗୁରୁବାର, ମାର୍ଚ୍ଚ ୦୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବିଶ୍ୱବିଦ୍ୟାଳୟ ରିସର୍ଚ୍ଚ କ୍ଲବ ଦ୍ୱାରା ଜାତୀୟ ବିଜ୍ଞାନ ଦିବସ ପାଳିତ



ବାରିପଦା,(ପି.ଏନ): ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟ ରିସର୍ଚ୍ଚ୍ କ୍ଲବ୍ ଦ୍ୱାରା ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସ୍ନାତକୋତର ପରିଷଦର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥି ଉଦ୍‌ଘାଟନ କରିଥିବା ବେଳେ, ରିସର୍ଚ୍ଚ କ୍ଲବ୍‌ର ମୁଖ୍ୟ ତଥା ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. କୁନ୍ଦୁ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହଯୋଗୀ ପ୍ରଫେସର ଡ. ସୁଜାତା ଦାଶ ବିଗ୍ ଡାଟା ଆନାଲିଟିକ୍ସ ଶୀର୍ଷକ ବିଷୟରେ ଏକ ସୁନ୍ଦର ଉପସ୍ଥାପନା କରିଥିଲେ । ଚଳିତ ବର୍ଷର ବିଜ୍ଞାନ ଦିବସର ଥିମ ବିଶ୍ୱକଲ୍ୟାଣ ନିମନ୍ତେ ବିଶ୍ୱସ୍ତରୀୟ ବିଜ୍ଞାନ ଉପରେ ଉପସ୍ଥିତ ବକ୍ତା ଓ ଛାତ୍ରଛାତ୍ରୀ ମାନେ ଆଲୋଚ୍ନା କରିଥିଲେ । ଏହି ଅବସରରେ ଯୋଗ ଓ ନ୍ୟାଚୁରୋପାଥି ବିଭାଗର ତୃତୀୟ ସେମିଷ୍ଟାର ଛାତ୍ରୀ ମିସ ସ୍ନେହା ନାୟକଙ୍କୁ ନିଜର ଷ୍ଟାର୍ଟଅପ୍ ଆଇଡିଆ ମଣ୍ଡଳ ଚିତ୍ର ମାଧ୍ୟମରେ ଆରୋଗ୍ୟ ପାଇଁ ମେକ୍ ଇନ୍ ଓଡିଶା କନକ୍‌ଲେଭରେ ୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିବାରୁ ସମ୍ମାନିତ କରାଯାଇଥିବା ସହ ବିଜ୍ଞାନ ଦିବସ ଅବସରରେ ଆୟୋଜିତ ବିଜ୍ଞାନ ପ୍ରବନ୍ଧ ଏବଂ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ପ୍ରାଣୀ ବିଜ୍ଞାନ ବିଭାଗର ଗବେଷିକା ତଥା ରିସର୍ଚ୍ଚ କ୍ଲବର ସଦସ୍ୟା ଶ୍ରୀମତୀ ଏ. ସାରଦା ଆଚ୍ାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତା ଓ ଡ୍ରେନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ମହାନଗର ନିଗମ ୧୨ ନମ୍ବର ଓାର୍ଡ ଅ'ର୍ଗତ ଗଜପତି ନଗର ଠାରେ ରାସ୍ତା ଓ ଡ୍ରେନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଉତ୍ତର ବିଧାୟକ ସୁଶା' କୁମାର ରାଉତ, ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଛ଼ି । ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗଜପତି ନଗର ୨୨ ନମ୍ବର ପ୍ଲଟ ଠାରୁ ୪୫୧/୧୯୪ ପ୍ଲଟ ପର୍ଯ୍ୟ' ରାସ୍ତାର ପ୍ରଶସ୍ତିକରଣ ହେବା ସହିତ ଡ୍ରେନ ନିର୍ମାଣ କରାଯାଇ ସ୍ଲାବ ପକାଯିବ ବୋଲି ୧୨ ନମ୍ବର ଓାର୍ଡ କର୍ପୋରେଟର ଜୟନ୍ତୀ ସାହୁ କହିଛ଼ି । ଏହି ଉତ୍ସବରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡେପୁଟି ମେୟର ମୁଲତା କହଁର, ବରିଷ୍ଠ ମୁରବୀ ଜନକର ସାହୁ, ଆଇନଜୀବୀ ସମରେନ୍ଦ୍ର ସାହୁ, ଭଗବାନ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ବିଜେଡି ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ପ୍ରସନ୍ନ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଧୁବନ ପ୍ରିମିୟର ଲିଗ ଉଦଯାପିତ : ଇଗଲ ୱାରିୟାର୍ସ ଟିମ ଚ୍ମ୍ପିୟାନ




ବାରିପଦା,(ପି.ଏନ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ମଧୁବନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ମଧୁବନ ପ୍ରିମିୟର ଲିଗ ଉଦଯାପିତ ହୋଇଯାଇଛି ଓ ଫାଇନାଲ ମ୍ୟାଚ୍‌ରେ ଇଗଲ ୱାରିୟାର୍ସ ଡେଭିଲ ଇଲେଭେନକୁ ୫ ଉଇକେଟରେ ପରାସ୍ତ କରି ଚ୍ମ୍ପିୟାନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ଡେଭିଲ ଇଲେଭେନ ୧୦ ଓଭରରେ ୫ ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଆଶିଷ କୁମାର ବାରିକ ୫୨ ଓ ହରିଶଙ୍କର ଘୋଷ ୩୧ ରନ କରିଥିବା ବେଳେ ବିପକ୍ଷ ଦଳର ରଂଜିତ ପଣ୍ଡା ୪ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଉତରରେ ଇଗଲ ୱାରିୟାର୍ସ ୯.୪ ଓଭରରେ ୫ ଉଇକେଟ ହରାଇ ବିଜୟୀ ହେବା ସହ ଏ ବର୍ଷର ଚ୍ମ୍ପିୟାନ ହୋଇଛନ୍ତି ଓ ସାଇବା ସିଂ ଅପରାଜିତ ୪୧ ଓ ରଂଜିତ ପଣ୍ଡା ୨୧ ରନ ସଂଗ୍ରହ କରିଥିବାବେଳେ ହରିଶଙ୍କର ଘୋଷ ୩ ଟି ଓ ସଂଜୀବ କୁମାର ମହାପାତ୍ର ୨ ଟି ଉଇକେଟ ଅକ୍ତିଆର କରିଥିଲେ ଓ ଅରୁଣ କୁମାର ଭଣ୍ଡାରୀ ଓ ମଳୟ କୁମାର ସେନାପତି ଖେଳ ପରିଚ୍ାଳନା କରିଥିବା ବେଳେ ରାକେଶ କୁମାର ବେହେରା ସ୍କ ?ରିଂରେ ସହାୟତା କରିଥିଲେ ଓ ଦୀପକ ଦାସ ଧାରାବିବରଣୀ ପ୍ରଦାନ କରିଥିଲେ ଓ ଫାଇନାଲ ମ୍ୟାଚ୍‌ର ମ୍ୟାନ ଅଫ ଦି ମ୍ୟାଚ୍ ରଞ୍ଜିତ ପଣ୍ଡା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମେନ ଅଫ ଦି ସିରିଜ ସାଇବା ସିଂ, ଶ୍ରେଷ୍ଠ ବୋଲର ହରିଶଙ୍କର ଘୋଷ, ଶ୍ରେଷ୍ଠ ଫିଲଡର ମହମ୍ମଦ ରାଜା ଓ ଟୁର୍ଣ୍ଣାମେଂଟର ଶ୍ରେଷ୍ଠ କ୍ୟାଚ୍ ପାଇଁ ତପନ ସିଂଙ୍କୁ ପୁରସ୍କୃତ କରାଯାଇଥିଲା ଓ ଚ୍ମ୍ପିୟାନ ଦଳକୁ ୫୦ ହଜାର ନଗଦ ରାଶି ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ନଗଦ ୩୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୁବ ନେତା ପିଂଟୁ ମାଇତି ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ କ୍ରିକେଟ ଖେଳାଳି ଲୋହିତ ଦାସ ଓ ସମାଜସେବୀ ନୁରୁଲ ଇସଲାମ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ ।

# କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟର ନିର୍ଦ୍ଦେଶକ ସ୍ଥାନୀୟ ଯୁବବର୍ଗଙ୍କୁ ସମ୍ବୋଧନ କଲେ



ଦାନଗଦୀ ,(ପି.ଏନ): ଯାଜପୁରର ଡୁବୁରି ନିକଟସ୍ଥ ଟାଟା ଷ୍ଟିଲ୍‌ର କର୍ପୋରେଟ୍ ସର୍ଭିସେସ୍ ବ୍ଲକ୍‌ରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଯୁବବର୍ଗଙ୍କ ପାଇଁ ଏକ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା । ଭାରତୀୟ ସେନାରେ ଯୋଗ ଦେବା ଲାଗି ୨୦୨୩ ମାର୍ଚ୍ଚ ଓ ଏପ୍ରିଲ୍‌ରେ ହେବାକୁ ଥିବା ନିଯୁକ୍ତି ଅଭିଯାନ ବିଷୟରେ ସ୍ଥାନୀୟ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହିଅଧିବେଶନର ଲକ୍ଷ୍ୟ ଥିଲା । ଏହି ଅଧିବେଶନରେ କଳିଙ୍ଗନଗର, ସୁକିନ୍ଦା ଓ ଆଖପାଖ ଅଂଚ୍ଳର ୩୦ରୁ ଅଧିକ ଯୁବକ ଓ ଯୁବତୀ ଅଂଶଗ୍ରହଣ କରିଥିଲେ ଏବଂ ଏଥିରେ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟର ନିର୍ଦ୍ଦେଶକ କର୍ଣ୍ଣ ?ଲ୍ ହମିନ୍ଦର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ବିଭାଗର ଚିଫ୍ ଦେବଦୂତ ମହାନ୍ତି ଏବଂ ଟାଟା ଷ୍ଟିଲ୍ ? କଳିଙ୍ଗନଗର ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ନିରାପତା ମୁଖ୍ୟ କର୍ଣ୍ଣଲ ପ୍ରକାଶ ସଂଜୟ ଉପସ୍ଥିତ ଥିଲେ । ଏହି ଅଧିବେଶନରେ କର୍ଣ୍ଣଲ ହମିନ୍ଦର ସିଂହ ଭାରତୀୟ ସେନାରେ ଯୋଗ ଦେବାର ବିଭିନ୍ନ ଦିଗ ଯଥା ଆବେଦନ ପ୍ରକ୍ରିୟା, ଯୋଗ୍ୟତା, ପରୀକ୍ଷାର ରୂପରେଖ, ଶାରିରୀକ ଫିଟନେସ୍, ମେଡିକାଲ୍ ପରୀକ୍ଷା ଏବଂ ସେନାର ବିଭିନ୍ନ ପଦର ବେତନ ଭାଂଚ୍ା ଉପରେ ସୂଚ୍ନା ପ୍ରଦାନରିଥିଲେ । ଆବେଦନ ପ୍ରକ୍ରିୟାରେ ସାମ୍ନା କରିବାକୁ ପଡୁଥିବା ସାଧାରଣ ସମସ୍ୟାଗୁଡ଼ିକର କିଭଳି ସମାଧାନ କରାଯାଇପାରିବ ତାହା ଉପରେସେ ଦୃଷ୍ଟି ନିକ୍ଷେପ କରିଥିଲେ । କର୍ଣ୍ଣଲ୍ ସଂଜୟ ପ୍ରକାଶ କହିଥିଲେ ଯେ ଗ୍ରାମାଂଚ୍ଳର ବହୁ ଶରିରୀକ ଭାବେ ଯୋଗ୍ୟ ପ୍ରାର୍ଥୀ ଆବେଦନ ଓ ଯେ ଗ୍ୟତାର ମାନଦଣ୍ଡ ବିଷୟରେ ସଚେତନ୍ତାର ଅଭାବ ଯୋଗୁ ସେନାରେ ଯୋଗ ଦେବାରୁ ବଂଚ୍ିତ ହେଉଛନ୍ତି । ଏହି ସଚେତନତା ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ସେହି ସମସ୍ୟାଗୁଡ଼ିକର ସମାଧାନ କରିବା ଏବଂ ବର୍ତ୍ତମାନର ନିଯୁକ୍ତି ଓ ଆବେଦନ ପ୍ରକ୍ରିୟା ବିଷୟରେ ସ୍ଥାନୀୟ ଯୁବବର୍ଗ ମଧ୍ୟରେ ସଚେତନତା ସୃଷ୍ଟିକରିବା । ଏହି ଅଧିବେଶନରେ ଟାଟା ଷ୍ଟିଲ୍ ଓ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଯୋଗ ଦେଇଥିଲେ । ଇବିଲିଂ ସିଷ୍ଟମ ସବୁସ୍ଥାନରେ ହେବା ଦରକାର । କାହିଁକିନା ସବୁଠିକୁ ବିଲ ପଠାଇବା ସୁବିଧାଜନକ ନୁହେଁ ।୯. କୌଣସି ସରକାରୀ କର୍ମଚ୍ାରୀ କିମ୍ବା ରାଜନୈତିକ ଲୋକ ନିଜର ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ବାଧ ନକରନ୍ତୁ । ଯଦି ସେଭଳି ହୁଏ, ତେବେ ସେହି କର୍ମଚ୍ାରୀର କାର୍ଯ୍ୟଶୈଳୀ ବା କାର୍ଯ୍ୟଧାରା ପାଇଁ ଆମେ ଉତରଦାୟୀ ରହିବୁ ନାହିଁ । ଅଫିସର ଓ ପଲଟିକାଲ ଚ୍ାପରେ ପିଲାଙ୍କୁ ରଖିବାକୁ କୁହାଯାଉଛି ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ କଳିଙ୍ଗନଗରରେ ସେନା ନିଯୁକ୍ତି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ଦାନଗଦୀ (ପି ଏନ ଏସ ) ୧ ମାର୍ଚ୍ଚ ୨୦୨୩:- ଯାଜପୁରର ଡୁବୁରି ନିକଟସ୍ଥ ଟାଟା ଷ୍ଟିଲ୍ ?ର କର୍ପୋରେଟ୍ ସର୍ଭିସେସ୍ ବ୍ଲକ୍ ?ରେ ଟାଟା ଷ୍ଟିଲ୍ ? ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଯୁବବର୍ଗଙ୍କ ପାଇଁ ଏକ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା । ଭାରତୀୟ ସେନାରେ ଯୋଗ ଦେବା ଲାଗି ୨୦୨୩ ମାର୍ଚ୍ଚ ଓ ଏପ୍ରିଲ୍ ?ରେ ହେବାକୁ ଥିବା ନିଯୁକ୍ତି ଅଭିଯାନ ବିଷୟରେ ସ୍ଥାନୀୟ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଧିବେଶନର ଲକ୍ଷ୍ୟ ଥିଲା ।

# ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଫୋର ଏଫସି ବିଜେତା



କଟକ, (ପି.ଏନ): ଜଗତପୁର ନିମପୁର ଖେଳପଡ଼ିଆରେ କୃଷ୍ଣେଶ୍ୱର ମର୍ଣ୍ଣିଂ କ୍ଲବ ଆନୁକୂଲ୍ୟରେ ଦିବସୀୟ ଫୁଟବଲ ପ୍ରତିଯୋଗିତା ଜଗତପୁର ପ୍ରିମିୟର ଲିଗ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଫ୍ରେଣ୍ଡସ ଫର ଫୁଟବଲ ଫେଡେରେସନ ଜଗତପୁର ଇଲେଭେନ ଷ୍ଟାର, କୃଷ୍ଣେଶ୍ୱର ମର୍ଣ୍ଣିଂ କ୍ଲବ ଓ ନିମପୁର ସ୍ପୋର୍ଟିଂ ବଏଜ ଟିମ ୪ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଜଗତପୁର କୃଷ୍ଣେଶ୍ୱର ମର୍ଣ୍ଣିଂ କ୍ଲବ ଓ ଫୋର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଫୋର ଏଫସି ୩-୦ ଗୋଲରେ ବିଜେତା ଦଳ ଭାବେ ଟ୍ରଫି ପାଇଥିଲା । କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ୪୮ ନଂ କର୍ପୋରେଟର ନାଗେଶ୍ୱର ବେହେରା, ଉଦ୍‌ଯାପନୀ ସମାରୋହରେ ବିଧାୟକ ସୌଭିକ ବିଶ୍ୱାଳ ଓ ଅବସରପ୍ରାପ୍ତ ଜିଲ୍ଲା କଲେକ୍ଟରେଟର ବରିଷ୍ଠ କର୍ମଚାରୀ ବିମଳ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ଫାଇନାଲ ମ୍ୟାଚରେ ଫୋର ଏଫସିର ଅଧିନାୟକ ଡାକ୍ତର ଦିଲ୍ଲୀପ କୁମାର ମହାରଣା ବିଜେତା ଟ୍ରଫି ଗ୍ରହଣ କରିଥିଲେ । ଆୟୋଜକ କ୍ଲବ ପକ୍ଷରୁ କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ସାହୁ, ସଚ୍ଚିଦାନନ୍ଦ ମହାନ୍ତି, ପ୍ରଦୀପ ଦାସ, ସଞ୍ଜୟ ରାଉତ, ଅବିନାଶ ନାୟକ, ପ୍ରସନ୍ନ କୁମାର ମହାପାତ୍ର ପରିଚାଳନା କରିଥିଲେ ।

# ବାରିପଦା ଠାରେ ସତ୍ୟ ସନାତନ ପ୍ରଜା ସମିତିର ଧର୍ମ ସମ୍ମିଳନୀ



ବାରିପଦା,(ପି.ଏନ): ଆଜି ବାରିପଦା ରାଧାମାଧବ ମନ୍ଦିର ପରିସରରେ ସତ୍ୟ ସନାତନ ପ୍ରଜା ସମିତି ଆନୁକୁଲ୍ୟରେ ୨୭ତମ ସତ୍ୟ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାସ୍ଥଳରୁ ଆସିଥିବା ଅଖଣ୍ଡ ଜ୍ୟୋତିକୁ ସ୍ୱାଗତ କରାଯାଇଥିଲା । ଏଥିରେ ସତ୍ୟ ସନାତନ ପ୍ରଜା ସମିତି ରାଜ୍ୟ ସଭାପତି ଇଂ. ଦେବାଶିଷ ହୋତା ଯୋଗଦେଇ ଖ୍ରିଷ୍ଟିୟାନ ପାଦ୍ରୀ ଗ୍ରାହମ ଷ୍ଟେନ୍ସଙ୍କ ହତ୍ୟା ଅଭିଯୋଗରେ ଦାରାସିଂ ୨୪ ବର୍ଷ ହେବ ଜେଲରେ ଥିବା ବେଳେ, ଗତ ୨୦୦୮ ମସିହା ଅଗଷ୍ଟ ୨୩ ତାରିଖ ଜନ୍ମାଷ୍ଟମୀ ଦିନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ବିଭତ୍ସ ଭାବରେ ହତ୍ୟା କରାଯାଇଥିଲେ ମଧ ମୁଖ୍ୟ ଷଡଯନ୍ତକାରୀ ରାଜନୈତିକ ଛତ୍ରଛାୟା ତଳେ ରହି ରହି ଆଜି ଯାଏଁ ଗିରଫ ହୋଇ ନାହାଁନ୍ତି ଏଣୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯିବା ନିମନ୍ତେ ଦାବୀ କରିଛନ୍ତି । ଏହି ସମ୍ମିଳନୀରେ ବକ୍ତା ଭାବରେ ଦିଲ୍ଲେଶ୍ୱରାନନ୍ଦ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ମଠ ମନ୍ଦିର ପ୍ରମୁଖ ହରିହର ପଣ୍ଡା, ଯୋଗେଶ୍ୱର ଦଣ୍ଡପାଟ, ଦିବାକର ତ୍ରିପାଠୀ, ବାଘା ସିଂ, ସୋମନାଥ ଦାଶ, ବିଶ୍ୱଜିତ ରଣା ପ୍ରମୁଖ ଉପସ୍ଥିତ ଥିଲେ । ମଙ୍ଗଳବାର କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଷଡ଼ଯନ୍ତ୍ରକାରୀଙ୍କୁ ଧରିବା ପାଇଁ ସିବିଆଇ ତଦନ୍ତ କରାଇବା ଦାବିରେ ସମଗ୍ର ରାଜ୍ୟ ପରିଭ୍ରମଣ କରୁଥିବା ଏହି ଅଖଣ୍ଡ ଜ୍ୟୋତିକୁ କେନ୍ଦୁଝର ଠାରେ ସ୍ୱାଗତ କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray